ଧରିତ୍ରୀ
DHARITRI
May 28- June 03, 2023 ₹ 2/-

ଛୁଟିଦିନ

# ବିସ୍ମୟ ମଣିଷ



ପ୍ରଚ୍ଛଦ ପ୍ରସଙ୍ଗ

୪

କୁହାଯାଏ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ମଣିଷ ଭିତରେ ଭରି ରହିଥାଏ ଅସୀମ ଶକ୍ତି। ହେଲେ ଅନେକ ସମୟରେ ସେ ଅଜ୍ଞ ଥାଏ ନିଜ ଭିତରର ସେଇ ଶକ୍ତି ସମ୍ପର୍କରେ। ହେଲେ ଯେବେ ସେ ନିଜର ସେଇ ସୁପ୍ତ ଶକ୍ତିକୁ ଅନୁଭବ କରେ ଓ ତାକୁ ଜାଗ୍ରତ କରିବାରେ ସମର୍ଥ ହୁଏ, ସେବେ ଯାଇ ସେ ଅସମ୍ଭବକୁ ସମ୍ଭବ କରିପାରେ। ଆଉ ନାଁ ନିଏ ବିସ୍ମୟ ମଣିଷର...



# ଘରେ ଦର୍ପଣକୁ କିପରି ରଖିବେ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଗୃହରେ ଶାନ୍ତି ବଜାୟ ରଖିବାକୁ ନେଇ ଦର୍ପଣର ମଧ୍ୟ ଅନେକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଘରର କେଉଁ ସ୍ଥାନରେ ଦର୍ପଣ ରଖିଲେ କି ପ୍ରକାରର ଶୁଭଫଳ ମିଳିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

*ଯେହେତୁ ଉତ୍ତର ଦିଗର ସ୍ୱାମୀ ହେଲେ ଭଗବାନ କୁବେର ଏବଂ ପୂର୍ବ ଦିଗର ସ୍ୱାମୀ ଭଗବାନ ସୂର୍ଯ୍ୟ। ତେଣୁ ଏହି ଦୁଇ ଦିଗରେ



ଦର୍ପଣ ଲଗାଇବା ଶୁଭ ହୋଇଥାଏ।

*କିନ୍ତୁ ଭୁଲ୍‌ରେ ବି ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ଦର୍ପଣ ଲଗାଇବା କିମ୍ବା ରଖିବା ଠିକ୍ ନୁହେଁ। କାରଣ ଦକ୍ଷିଣ ଦିଗର ସ୍ୱାମୀ ହେଲେ ପ୍ରଭୁ ଯମରାଜ ଏବଂ ପଶ୍ଚିମ ଦିଗର ଦେବତା ହେଲେ ଶନିଦେବ। ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ, ଯଦି ଏହି ଦୁଇ ଦିଗରେ ଦର୍ପଣ ଲଗାଯାଏ ; ତା'ହେଲେ ଗୃହରେ ସର୍ବଦା ଅଶାନ୍ତି ଲାଗି ରହିଥାଏ।

*ସେହିପରି ଦର୍ପଣକୁ ସର୍ବଦା ସଫାସୁତୁରା ରଖିବା ଦରକାର। ତା'ସହିତ ଧ୍ୟାନ ଦେବେ ଦର୍ପଣରେ ଯେମିତି କୌଣସି ବିପଦପୂର୍ଣ୍ଣ ବସ୍ତୁ ବା ଅଶୁଭ ବସ୍ତୁର ପ୍ରତିଫଳନ ହେଉ ନଥିବ। ଯେମିତିକି: ଛୁରୀ, କିଛି ବି ମାରାଣାସ୍ତ୍ର, ଗ୍ୟାସ, ଡସ୍‌ବିନ୍‌ର ଅଳିଆ ଆବର୍ଜନା, ଖରାପ ହୋଇଯାଇଥିବା କୌଣସି ବସ୍ତୁ ଇତ୍ୟାଦି। କାରଣ ଏହାଦ୍ୱାରା ଗୃହରେ ନକାରାତ୍ମକ ଊର୍ଜ୍ଜା ଉତ୍ପନ୍ନ ହୋଇଥାଏ।

*ଅନ୍ୟପକ୍ଷେ ଦୁଇଟି ଦର୍ପଣକୁ କେବେ ବି ସାମ୍ନାସାମ୍ନି ରଖିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ପରିବାରରେ ସନ୍ଦେହର ବାତାବରଣ ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୨୮ - ଜୁନ୍ ୩

**ମେଷ**
ବୈଷୟିକ ଅଭିବୃଦ୍ଧିରୁ ଆନନ୍ଦ, ସ୍ଥାନାନ୍ତରରୁ ଦୁଃଶ୍ଚିନ୍ତା, ଋଣ ପରିଶୋଧର ଯୋଜନା, ବନ୍ଧୁଙ୍କ ଆଚରଣରେ ସନ୍ଦେହ, ଯାତ୍ରାରେ ସଫଳତା ମିଳିବ, ପୂର୍ବବିବାଦର ସମାଧାନ, ପ୍ରଶାସନିକ ସାହାଯ୍ୟପ୍ରାପ୍ତି, ସାହିତ୍ୟ ସଂସ୍କୃତିରୁ ପ୍ରଶଂସା ॥

**ବୃଷ**
ଦୈହିକ ଦୁର୍ବଳତା, କାର୍ଯ୍ୟହାନୀରୁ ମନସ୍ତାପ, ବିବାଦଗ୍ରସ୍ତ ହୋଇପାରନ୍ତି, ବନ୍ଧୁଙ୍କୁ ଆପଣେଇ ନେବେ। ଦୂରଯାତ୍ରା କରିବାକୁ ପଡ଼ିପାରେ, ବାଣିଜ୍ୟରେ ସମସ୍ୟା, ଧର୍ମକାର୍ଯ୍ୟରେ ବିବାଦ ॥

**ମିଥୁନ**
ଦୂରଯାତ୍ରାର ପରିକଳ୍ପନା, ଅର୍ଥସଂକଟରୁ ଦୁଃଶ୍ଚିନ୍ତା, ମାଲିମକଦ୍ଦମାରେ ବାଇଦା, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ତିର୍ଥାଟନ ଚିନ୍ତା କରିପାରନ୍ତି, ମାନସିକ ଅବସାଦ, କ୍ରନିକ୍ ରୋଗରୁ ସ୍ୱାସ୍ଥ୍ୟହାନୀ, ପାରିବାରିକ ସ୍ଥିତିରେ ଉନ୍ନତି ॥

**କର୍କଟ**
ନୂତନ ନିଯୁକ୍ତି ସୂଚନା, ଉପରିସ୍ଥଙ୍କ ସୁବିଚାର, ପଡୋଶୀଙ୍କ ସ୍ୱାର୍ଥପରତା, ଭୋଗ ବିଳାସର ମଉକା, ବନ୍ଧୁ ବିରୋଧି ହେବେ, କର୍ମଧାରାରେ ପରିବର୍ତ୍ତନ, ପାରିବାରିକ ଶାନ୍ତି, ତ୍ୱରାନ୍ୱିତ କାର୍ଯ୍ୟ ॥

**ସିଂହ**
କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ପ୍ରଭାବ ବିସ୍ତାର କରିବେ, ଅପ୍ରିୟ କଥାରୁ ବିରୋଧ, ଆନୁସଙ୍ଗିକ ସାହାଯ୍ୟପ୍ରାପ୍ତି, ବିଳାସ ପ୍ରିୟ ହୋଇପାରନ୍ତି, ବ୍ୟବସାୟିକ ଉତ୍କର୍ଷତା, ଯୋଗ ଶିକ୍ଷାରେ ରୁଚି, ଭ୍ରମଣ ସୁଯୋଗପ୍ରାପ୍ତି ॥

**କନ୍ୟା**
ନୂତନ ଯୋଜନାରମ୍ଭ, ମରିଚୀକାର ଅନୁଧାବନ, ସୁସମ୍ପର୍କ ବ୍ୟାହତ ହେବ, ବାଣିଜ୍ୟରେ କ୍ଷତିର ଆଶଙ୍କା, ଦ୍ରବ୍ୟଲାଭରେ ନୈରାଶ୍ୟ, ପରିବାରରୁ ପ୍ରତିରୋଧ, ପରିସ୍ଥିତି ବଦଳିଯିବ, ବିଜାତୀୟଙ୍କ ମିତ୍ରତା, ସ୍ୱାମୀସ୍ତ୍ରୀଙ୍କ ଭିତରେ ମତାନ୍ତର ॥

**ତୁଳା**
କୂଟନୀତିରେ କାର୍ଯ୍ୟ ସାଧନ, ଅପେକ୍ଷାକୃତ ଅସୁବିଧା ଭୋଗିବେ, ପାରିବାରିକ ତିକ୍ତତାର ସମାପ୍ତି, ଭୂ-ସମ୍ପତ୍ତିରେ ବିବାଦ ବୃଦ୍ଧି, ନୈତିକତାର ଅଭିବୃଦ୍ଧି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ॥

**ବିଛା**
ନୂତନ ସ୍ଥାନ ପରିଦର୍ଶନର ସୁଯୋଗ, ଉଚ୍ଚଶିକ୍ଷା ସକାଶେ ଆଲୋଚନା, ଗୁରୁବର୍ଗଙ୍କ ପରାମର୍ଶ, ଦେବାର୍ଚ୍ଚନା ପାଇଁ ଯୋଜନା, ଶୁଭକାର୍ଯ୍ୟରେ ଯୋଗ ଦେବେ, ଦୂରଯାତ୍ରାର ସୁଯୋଗ ପାଇବେ ॥

**ଧନୁ**
ମାନସିକ ଅସ୍ଥିରତା, କାର୍ଯ୍ୟହାନୀରୁ କ୍ଷୋଭ, ଦ୍ରବ୍ୟପ୍ରାପ୍ତିରୁ ଆନନ୍ଦ, ଟେନ୍‌ସନ୍ କମିଯିବ, ସମ୍ପର୍କୀୟ ବନ୍ଧୁଙ୍କ ସାହାଯ୍ୟ, ବାଣିଜ୍ୟରେ ପ୍ରତିବନ୍ଧକ, ଯାନବାହନର ମରାମତି କାର୍ଯ୍ୟ, ବିବାଦରେ ମଧ୍ୟସ୍ଥତା ॥

**ମକର**
ଅତୀତର ଅନୁଶୋଚନା, ପରିବାରରୁ ବିରୋଧ, ହିତୈଷୀଙ୍କ ଭର୍ତ୍ସନା, ଉପରିସ୍ଥଙ୍କ ଆଶ୍ୱସନା, ଉଚ୍ଚପଦବୀରେ ନିଯୁକ୍ତି, ବିଦେଶ ଯାତ୍ରାର ସୁଯୋଗ, କର୍ମ ତତ୍ପରତା ବୃଦ୍ଧି, ଖଳ ବ୍ୟକ୍ତିଙ୍କ ଅପପ୍ରଚାର, ରାଜନୈତିକ ବିବାଦ ॥

**କୁମ୍ଭ**
ସାଂସାରିକ ଜୀବନରେ ନିରୁତ୍ସାହତା, ମାନସିକ ଭାରସାମ୍ୟରେ ସମସ୍ୟା, ନିଜ ଲୋକଙ୍କ ବିଶ୍ୱାସ ଘାତକତା, କରଜ କରିବାକୁ ବାଧ୍ୟ ହେବେ, ପରିସ୍ଥିତିରେ ଲାଘବ, ହୋଟେଲ ରେଷ୍ଟୁରାଣ୍ଟରୁ ଲାଭ, ସାଂସ୍କୃତିକ କାର୍ଯ୍ୟରୁ ପ୍ରଶଂସା ॥

**ମୀନ**
ସମୟାନୁବର୍ତ୍ତିତାରୁ ପ୍ରଶଂସା, ସାମାଜିକ କାର୍ଯ୍ୟରେ ଉତ୍ସାହ, ବୃତ୍ତିରେ ପ୍ରତିବନ୍ଧକ, ସେବା ମନୋବୃତ୍ତିରୁ ଆନନ୍ଦ, ଭ୍ରାତୃ ସମ୍ପର୍କରେ ଉନ୍ନତି, ସଭାସମିତିକୁ ନିମନ୍ତ୍ରଣ, ଚଳଚ୍ଚିତ୍ର ହିଟ୍ ହୋଇପାରେ, ବନ୍ଧୁଙ୍କ ପ୍ରେରଣା ଓ ପରାମର୍ଶ, କାମ ହାସଲ କରିବେ, ପଠନ ପ୍ରିୟ ହେବେ ॥

# ଦାମ୍ପତ୍ୟ ଜୀବନରେ ଖୁସି ଚାହୁଁଥିଲେ

ଦାମ୍ପତ୍ୟ ଜୀବନ ସୁଖମୟ ହେଉ ବୋଲି ସମସ୍ତଙ୍କର ଇଚ୍ଛା ଥାଏ। କିନ୍ତୁ ଏ ସୌଭାଗ୍ୟ ସମସ୍ତଙ୍କୁ ମିଳେନା। ତେବେ ବାସ୍ତୁଶାସ୍ତ୍ରରେ ଏମିତି କିଛି ନିୟମ ରହିଛି ; ଯାହାକୁ ମାନିଲେ ସମ୍ପର୍କରେ ନିବିଡ଼ତା ଆସିବା ସହ ଦାମ୍ପତ୍ୟ ଜୀବନରେ ସୁଖ ଭରି ଯାଇଥାଏ। ଯେମିତିକି: ପତ୍ନୀପତିଙ୍କର ବେଡ୍‌ରୁମ୍ ଉତ୍ତର-ପଶ୍ଚିମ ଦିଗରେ ରହିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୁଏ। ସେମାନଙ୍କ ବେଡ୍‌ରୁମ୍‌ର କାନ୍ଥରେ ହାଲ୍‌କା ରଙ୍ଗର ପ୍ରୟୋଗ କରିବା ବି ଅନେକ ଶୁଭଫଳ ଦେଇଥାଏ। ସେହିପରି ପତ୍ନୀଙ୍କୁ ବେଡ୍‌ର ବାମ ପଟେ ଏବଂ ପତିଙ୍କୁ ବେଡ୍‌ର ଡାହାଣ ପଟେ ଶୋଇବା ଦରକାର। ଏହାଦ୍ୱାରା ସମ୍ପର୍କରେ ଭଲ ପାଇବା ବଢିଥାଏ। ପତ୍ନୀପତି ଚାହିଁଲେ ବେଡ୍‌ରୁମ୍‌ରେ ଯୋଡ଼ା ହଂସର ଫଟୋ କିମ୍ବା ଚିତ୍ରକୁ ମଧ୍ୟ ଲଗାଇପାରିବେ। କୁହାଯାଏ, ଏହାଦ୍ୱାରା ଘରେ ସକାରାତ୍ମକ ଊର୍ଜ୍ଜା ବଢିବା ସହ ସମ୍ପର୍କ ଦୃଢ ହୁଏ।



ଅନ୍ୟପକ୍ଷେ, ଦମ୍ପତିଙ୍କୁ ସର୍ବଦା ଦକ୍ଷିଣ ଦିଗକୁ ମୁଣ୍ଡ ଏବଂ ଉତ୍ତର ଦିଗକୁ ଗୋଡ଼ କରି ଶୋଇବା ଦରକାର। କାରଣ ଏହାଦ୍ୱାରା ଶରୀର ଭଲ ରହିବା ସହ ସମ୍ପର୍କ ନିବିଡ଼ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଆଉ ସବୁଠୁ ବଡ଼ କଥା ହେଉଛି ସୁଖୀ ଦାମ୍ପତ୍ୟ ପାଇଁ ପତ୍ନୀପତିଙ୍କ ଭିତରେ ବିଶ୍ୱାସ ଓ ଉତ୍ତମ ବୁଝାମଣା ରହିବା ନିତ୍ୟାନ୍ତ ଆବଶ୍ୟକ।

# ପାଠକୀୟ

▶ସତରେ ମା'ର ଜୀବନ ଥାଏ ତା' ସନ୍ତାନ ଭିତରେ। ତା'ରି ହସରେ ସେ ହସେ, ତାରି ଦୁଃଖରେ କାନ୍ଦେ। ଆଉ ବିପଦ ପଡିଲେ ତ ଯମ ସହ ବି ଲଢି ଦେଇପାରେ ନୂଆ ଏକ ଜୀବନ। ତେଣୁ 'ମା''କୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ହୃଦୟସ୍ପର୍ଶୀ ଥିଲା। 'କରଜରୁ ମୁକ୍ତି ଚାହୁଁଥିଲେ', 'ଘର ପୋଛିବାକୁ ନେଇ ନିୟମ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ନବଘନ ସାହୁ, ମଧୁବନ, ପୁରୀ*

▶ମା' ଶବ୍ଦର କଳନା ନାହିଁ କି ତା' ମମତାର ତୁଳନା ନାହିଁ। ତା' କୋଳରେ ଟିକେ ଶୋଇ ପଡିଲେ ମନକୁ ମିଳିଯାଏ ଶାନ୍ତି। ତା' ପଣତ ତଳେ ନ ଥାଏ କିଛି କଥାକୁ ଭୟ। ନିଜ ଜୀବନଠାରୁ ବି ଅଧିକ ଗୁରୁତ୍ୱ ଦିଏ ତା' ପିଲାର ଜୀବନକୁ। ସେଥିପାଇଁ ତ ମା'କୁ କୁହାଯାଏ ଜନ୍ମଦାତ୍ରୀ, ଜୀବନଦାତ୍ରୀ। ତେଣୁ କେତେଜଣ ମା'ଙ୍କର କରୁଣ କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ମା''ଟି ସତରେ ବେଶ୍ ମର୍ମସ୍ପର୍ଶୀ ଥିଲା। 'ଦାମୀ ନେକ୍‌ଲେସ୍' ପାଠଟି ବି ବେଶ୍ ଶିକ୍ଷଣୀୟ ହୋଇଥିଲା।

*– ପ୍ରଭାକର ସ୍ୱାଇଁ, ମୟୂରଭଞ୍ଜ*

▶ବ୍ୟକ୍ତିତ୍ୱ ପୃଷ୍ଠାରୁ ଓଡ଼ିଆ ଭାଷା ବିଶେଷଜ୍ଞ ତଥା ଶୈକ୍ଷିକ ଅଧିକାରୀ ଡ. ମୀନାକ୍ଷୀ ଦାସଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କାହାଣୀ' ଶୀର୍ଷକ ଗପଟି ଯେମିତି ହୃଦୟସ୍ପର୍ଶୀ ଥିଲା 'ବୋଉ', 'ନାଡ଼ି', 'ମାଆ' ଶୀର୍ଷକ କବିତାଗୁଡ଼ିକ ବି ସେତିକି ମନଛୁଆଁ ହୋଇପାରିଥିଲା।

*– ମହାମାୟା ତ୍ରିପାଠି, ନୟାପଲ୍ଲି, ଭୁବନେଶ୍ୱର*

▶ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ରକୁଲ୍‌ଙ୍କ ନୂଆ ଆଇଡିଆ', 'ଶେଷରେ ବୁଝିଲେ ସୈଫ', 'ଦୋଛକିରେ କଙ୍ଗନା', 'କେବଳ ଗୁଜବ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। ସେହିପରି ଶିକ୍ଷାବିତ୍, ଅନୁବାଦିକା ତଥା ବିଜ୍ଞାନ ଲେଖିକା ଡକ୍ଟର ମୃଦୁଳା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମଧ୍ୟ ବେଶ୍ ହୃଦୟଛୁଆଁ ଥିଲା।

*– ସ୍ନିଗ୍ଧା ପରିଡ଼ା, କଳାହାଣ୍ଡି*

▶'ସେବାରେ ମନ' ପାଠଟି ସତରେ ଏକ ଶିକ୍ଷଣୀୟ ବିଷୟ ଥିଲା। ମଡେଲ୍ ମିରର୍‌ରେ ଆଦ୍ୟାଶା ବେଶ୍ ସୁନ୍ଦରୀ ଲାଗୁଥିଲେ। କମ୍ ଖର୍ଚ୍ଚରେ କେଉଁ କେଉଁ ସ୍ଥାନ ବୁଲି ଯାଇହେବ ତାହା ସହର ପୃଷ୍ଠାରୁ ପଢି ଜାଣିହେଲା। ତା'ଛଡ଼ା ଏଥରର ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ପାଠଗୁଡ଼ିକ ମଧ୍ୟ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି 'ତେଲ' ଶୀର୍ଷକ ବ୍ୟଙ୍ଗ ବି ଖୁବ୍ ଶିକ୍ଷଣୀୟ ହୋଇଥିଲା।

*– ରାଲି ମହାନ୍ତି, ଯାଜପୁର ଟାଉନ୍*

## ବିଶେଷ ଚିଠି



ମା'କୁ ନେଇ ଥିଲା ଏଥରର ପ୍ରଚ୍ଛଦ,
ମନେ ଭରିଦେଲା ଅପାର ଆନନ୍ଦ।
ସାଥୀ ଉତ୍ତରର ବି ଜବାବ ନାହିଁ,
ତାକୁ ପଢି ଖୁସି କେତେ ହେଲି ମୁହିଁ।
କେତେ କଥା ଜାଣିଲି ସହର ପୃଷ୍ଠାରୁ,
ଆଶ୍ଚର୍ଯ୍ୟ ହେଲି ପଢି ସିନେମା ଖବରରୁ।
ସତରେ ଛୁଟିଦିନ ତୁମେ ଚମତ୍କାର,
କାହା ସହ ନାହିଁ ତୁଳନା ତୁମର।

*– ରାକେଶ ଦାସ, ଖଣ୍ଡଗିରି, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଆଇସ୍‌କ୍ରିମ୍



ଖରାଦିନେ ଥଣ୍ଡା ଥଣ୍ଡା ଆଇସ୍‌କ୍ରିମ ଖାଇବାକୁ ଭାରି ଇଚ୍ଛା ହୁଏ । ଛୋଟରୁ ବଡ଼ ସମସ୍ତଙ୍କର ଇଏ ପ୍ରିୟ । ଏହାର ଶୀତଳତା ଓ ସ୍ୱାଦ, ଦେହମନକୁ ଖୁସି କରିଦିଏ । ହେଲେ ଜାଣନ୍ତି କି ଏହାକୁ ପ୍ରଥମେ କିଏ ଓ କେବେ ତିଆରି କରିଥିଲେ ? ଜାଣନ୍ତୁ ସେ ସମ୍ପର୍କରେ...



ଆଇସ୍‌କ୍ରିମ୍‌ର ନାଁ ଶୁଣିଲେ ହିଁ ଖାଇବାକୁ ଇଚ୍ଛା ହୁଏ । ତେବେ ଜାଣନ୍ତିକି ଏହା ପ୍ରଥମେ କେବେ ତିଆରି ହୋଇଥିଲା ? ପଥରରେ ଅଙ୍କିତ ପ୍ରାଚୀନ ଲିପି ଅନୁଯାୟୀ ଖ୍ରୀ.ପୂ. ୧୭୮୦ରେ ମାରୀ(ଆଧୁନିକ ସିରିୟା)ର ରାଜା ଜିମ୍‌ରି ଲିମ୍ ଉତ୍ତର ମେସୋପଟାମିଆର ଟେର୍କା ସହରରେ ଏକ ଆଇସ୍ ହାଉସ୍ ତିଆରି କରିଥିଲେ । ଯାହା ମଧ୍ୟରେ ପାହାଡରୁ ବରଫ ଆଣି ଜମା କରାଯାଉଥିଲା । ଆଉ କିଛି ତଥ୍ୟ କହେ ଆଇସ୍‌କ୍ରିମ ପରି ଖାଦ୍ୟ ଖ୍ରୀ.ପୂ.୫୫୦ରେ ଇରାନରେ ପର୍ସିମାନେ ଆରମ୍ଭ କରିଥିଲେ । ତେବେ ସେତେବେଳେ ତ ଆଜି ପରି ରେଫ୍ରିଜିରେଟର୍ ନ ଥିଲା । ତା'ହେଲେ ସେମାନେ ଆଇସ୍‌କ୍ରିମ କିଭଳି କରୁଥିଲେ ? ସେମାନେ ବି 'ୟଖଚଲ' ନାମକ ଆଇସ୍ ହାଉସ୍ ତିଆରି କରୁଥିଲେ । ୟଖ ଅର୍ଥ ବରଫ ଓ ଚଲ ଅର୍ଥ ଗାର୍ତ୍ତ । ତଳୁ ଗୋଲେଇ ହୋଇ ଉପର ଆଡକୁ ମୁନିଆ ହୋଇଥିବା ଏହି ଘରେ ଏକ ଗଭିର ଗାର୍ତ୍ତ ରହୁଥିଲା । ଯେଉଁଠାରେ ସେମାନେ ବରଫ ଜମା କରୁଥିଲେ । ବରଫ ଘରକୁ ଏଭଳି ଉପାଦାନରେ ତିଆରି କରାଯାଉଥିଲା ଯାହାଦ୍ୱାରା ମରୁଭୂମିର ଗରମରେ ବି ବରଫ ତରଳୁ ନ ଥିଲା । ଆଉ ବରଫ ସୁରକ୍ଷିତ ରହୁଥିଲା । ଏହି ବରଫରେ ଅଙ୍ଗୁର ରସ ମିଶାଇ ସେମାନେ ପିଉଥିଲେ । ତାସହ ଏହାକୁ ବ୍ୟବହାର କରି ଫାଲୁଦା ବି ତିଆରି କରାଯାଉଥିଲା । ଏହାଛଡା ରୋମ୍‌ର ରୋଷେଇ ପୁସ୍ତକରୁ ଜଣାପଡେ ଯେ, ପ୍ରଥମ ଶତାବ୍ଦୀ ବେଳକୁ ଏକପ୍ରକାରର ମିଷ୍ଟାନ୍ନ ଯାହା ଉପରେ ବରଫ ପକାଯାଉଥିଲା ବହୁତ ଲୋକପ୍ରିୟ ଥିଲା । ସେହିଭଳି ୬୧୮–୬୯୭ ଖ୍ରୀ.ରେ ଚାଇନାର ରାଜା ଟେଙ୍ଗ ପ୍ରଥମକରି ଖୀରରେ ତିଆରି ଆଇସ୍‌କ୍ରିମ କରି ଖାଇଥିଲେ । ଯେଉଁଥିରେ ଚାଉଳ ଗୁଣ୍ଡ, ଖୀର ଓ କର୍ପୁର ଆଦିକୁ ଏକାସାଙ୍ଗରେ ସିଝାଇ ତାକୁ ବରଫରେ ରଖି ଆଇସ୍କ୍ରିମ ତିଆରି କରାଯାଉଥିଲା । ଏହାକୁ ତିଆରି କରିବା ଲାଗି ୯୦ ଜଣ ଲୋକଙ୍କୁ ରଖାଯାଇଥିଲା । ଜାପାନରେ କାକିଗୋରି ନାମକ ମିଷ୍ଟାନ୍ନ ବରଫ ଓ ଫ୍ଲେଭର୍ ଦିଆ ସିରପ୍ ମିଶାଇ ପ୍ରସ୍ତୁତ କରାଯାଉଥିଲା, ଯାହାକି ହିଆନ ରାଜବଂଶ ସମୟରେ ଆରମ୍ଭ ହୋଇଥିଲା । ଏହି ଡେଜର୍ଟରେ ଶୀତଦିନରୁ ସଂରକ୍ଷିତ କରି ରଖାଯାଇଥିବା ବରଫ ପକାଇ ରାଜାଙ୍କୁ ଦିଆଯାଉଥିଲା । ଏହା ବି କୁହାଯାଏ ମାର୍କୋପୋଲୋ ୧୨୫୪ରୁ ୧୩୨୪ ମଧ୍ୟରେ ଚାଇନାକୁ ଯାତ୍ରା କରିଥିଲେ । ଆଉ ସେ ଚାଇନାରୁ ଆଇସ୍‌କ୍ରିମ ତିଆରି ପଦ୍ଧତି ଶିଖିଥିଲେ । କୁହାଯାଏ ମାର୍କୋପୋଲୋ ଇଟାଲୀରେ ପ୍ରଥମେ ଆଇସ୍‌କ୍ରିମ ତିଆରି କରିଥିଲେ । ୧୫୩୩ରେ ଇଟାଲୀର ରାଜକୁମାରୀଙ୍କ ବିବାହ ଯେବେ ଫ୍ରାନ୍ସର ରାଜା ହେନେରୀ୨ଙ୍କ ସହ ହେଲା ରାଜକୁମାରୀ ନିଜ ସହ ଇଟାଲୀୟ ସେଫ୍ ନେଇକି ଯାଇଥିଲେ । ଯେକି ବରଫରେ ତିଆରି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରୁଥିଲେ । ଏହିଭଳିଭାବେ ଫ୍ରାନ୍ସରେ ବି ଆଇସ୍‌କ୍ରିମ ପହଞ୍ଚିଗଲା । ଷୋଡଷ ଶତାବ୍ଦୀରେ ଦକ୍ଷିଣ ଏସିଆରେ ଆଇସ୍‌କ୍ରିମ ମୋଗଲ ସମ୍ରାଟଙ୍କ ସହ ଆସିଥିଲା । ମୋଗଲ ସମ୍ରାଟ ଆକବର୍‌ଙ୍କୁ ଖୁସି କରିବା ଲାଗି ଏହି ଥଣ୍ଡା ଡେଜର୍ଟ ତିଆରି କରାଯାଉଥିବା ଆଇନ ଇ ଆକବରୀ ଓ ଆକବରନାମାରେ ଲିଖିତ ଅଛି । ତାସହ ଏହାକୁ ତିଆରି କରିବା ଲାଗି ଆବଶ୍ୟକୀୟ ବରଫ ଆଣିବାକୁ ଘୋଡାଚାଳକଙ୍କୁ ହିନ୍ଦୁକୁଶ ପାହାଡକୁ ପଠାଯାଉଥିଲା । ସେହି ବରଫରେ ସର୍ବତ ଓ କୁଲ୍ଫି , ଯାହାକି ଏକ ପାରମ୍ପରିକ ଆଇସକ୍ରିମ ଭାବେ ପରିଚିତ ତିଆରି କରାଯାଉଥିଲା । ୧୬୭୧ରେ ବ୍ରିଟେନ୍‌ର ଶାସକ ଚାର୍ଲସ ୨ୟଙ୍କ ନିକଟକୁ ଆଇସ୍‌କ୍ରିମ ପହଞ୍ଚିଥିଲା । ସେ ଏହାଦ୍ୱାରା ଏତେ ପ୍ରଭାବିତ ହୋଇଥିଲେ ଯେ, ନିଜ ରୋଷେଇୟାଙ୍କୁ ଏହାର ପ୍ରସ୍ତୁତି ପଦ୍ଧତି ଗୁପ୍ତ ରଖିବାକୁ କହିଥିଲେ । ୧୭୪୪ରେ ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରୀରେ ଆଇସ୍‌କ୍ରିମ ଶବ୍ଦ ପ୍ରକାଶ ପାଇଥିଲା । ପରେ ଆଇସ୍‌କ୍ରିମ ଆମେରିକାରେ ପହଞ୍ଚିଥିଲା । ବେଞ୍ଜାମିନ ଫ୍ରାଙ୍କଲିନ୍, ଜର୍ଜ ୱାଶିଂଟନ, ଥମାସ୍ ଜେଫରସନ୍ ଆଦି ଆଇସ୍‌କ୍ରିମ ପ୍ରିୟ ଥିଲେ । ୧୮୫୧ରେ ଇନ୍‌ସୁଲେଟେଡ ଆଇସ୍ ହାଉସ୍ ଆବିଷ୍କାର ହେଲା । ଏହାପରେ ଯାଇ ଆଇସ୍‌କ୍ରିମ ବହୁଳ ମାତ୍ରାରେ ତିଆରି ହୋଇପାରିଲା । ଆମେରିକା, ୱାଲ୍ଟିମୋରର ଦୁଗ୍ଧ ବ୍ୟାପାରୀ ଜ୍ୟାକବ ଫସେଲ ପ୍ରଚୁର ମାତ୍ରାରେ ଆଇସ୍‌କ୍ରିମ ପ୍ରସ୍ତୁତ କଲେ । ଯାହାଦ୍ୱାରା ଏହା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିଲା । ତେଣୁ ତାଙ୍କୁ ଫାଦର ଅଫ୍ ଆଇସ୍‌କ୍ରିମ ଇଣ୍ଡଷ୍ଟ୍ରୀ ବୋଲି କୁହାଯାଏ । ଇଂଲଣ୍ଡର ଏଗ୍ନେଶ ମାର୍ଶଲ ୧୮୮୫–୧୮୯୪ ମଧ୍ୟରେ ଆଇସ୍‌କ୍ରିମ ଉପରେ ୪ଟି ପୁସ୍ତକ ରଚନା କରିଥିଲେ । ଯାହାଦ୍ୱାରା ଏହାର ପ୍ରସିଦ୍ଧି ଚାରିଆଡେ ବ୍ୟାପିଗଲା । ସେ ଆଇସ୍‌କ୍ରିମ ତିଆରି ପାଇଁ ଲିକ୍ୱିଡ ନାଇଟ୍ରୋଜେନ୍‌ର ପ୍ରସ୍ତାବ ବି ଦେଇଥିଲେ । ଏହିଭଳି ଧୀରେ ଧୀରେ ଆଇସ୍‌କ୍ରିମ ସାରା ବିଶ୍ୱରେ ପରିଚିତ ହେବା ସହ ସମସ୍ତଙ୍କର ପ୍ରିୟ ହୋଇପାରିଲା ।


## ଆୟୁର୍ବେଦ ଔଷଧିର ଚମତ୍କାରିତା

ଗ୍ୟାସ୍ ଓ ଏସଡ଼ିଟି ପାଇଁ ଚିନ୍ତିତ କି ? available at amazon

ଗ୍ୟାଷ୍ଟ୍ରିକ ବା ଏସିଡିଟି ଆଜିର ଏକ ଅସାଧାରଣ ସମସ୍ୟାରେ ପରିଣତ ହେଲାଣି । ଏହାର ମୁଖ୍ୟ କାରଣ-ଅନିୟମତା ଖାଦ୍ୟ ଗ୍ରହଣ ଓ ଜୀବନ ଶୈଳୀ, ଫାଷ୍ଟଫୁଡ୍, ଦୀର୍ଘଦିନ ଧରି ଡାଇବେଟିସ୍ ହେବା, ବହୁତ ଦିନ ଧରି ଆଣ୍ଟିବାୟୋଟିକ୍ ବ୍ୟବହାର, ଠିକ୍ ସମୟରେ ନ ଖାଇଲେ, ଭୋକ ହେଲେ ନ ଖାଇବା ଓ ଭୋକ ମରିଯିବା ପରେ ଖାଇବା, ପ୍ରତିଦିନ ଝାଡା ସଫା ନ ହେବା ଗ୍ୟାଷ୍ଟ୍ରିକ୍‌ର ମୁଖ୍ୟ କାରଣ । ଗ୍ୟାଷ୍ଟ୍ରିକ ରୋଗୀ ସକାଳ ଜଳଖିଆ ଶଯ୍ୟା ତ୍ୟାଗର ୧ ରୁ ୨ ଘଣ୍ଟା ଭିତରେ ଖାଇବା ଆବଶ୍ୟକ । ରାତିରେ ୮ଟା ରୁ ୯ଟା ମଧ୍ୟରେ ହାଲୁକା ଭୋଜନ ଗ୍ରହଣ ଓ ଖାଇବାର ୧ ରୁ ୨ ଘଣ୍ଟା ପରେ ପାଣି ପିଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଅନେକାଂଶ ପ୍ରଶମିତ ହୋଇଥାଏ । ଗ୍ୟାଷ୍ଟ୍ରିକ୍ ଯୋଗୁଁ ଶରୀରରେ ଅନେକ ରୋଗ ଜନ୍ମେ । ହଜମ ଶକ୍ତି କ୍ରମଶ ଦୁର୍ବଳ ହେଲେ ଶରୀରରେ ଆଣ୍ଠୁ ଗଣ୍ଠି ରୋଗ , ଥଣ୍ଡା, କଫ, ଶ୍ୱାସ, ଅର୍ଶ, ପିତ୍ତକୋଶରେ ପଥର ହେବା, ପରିସ୍ରା ଜଳାପୋଡା ହେବା, ଧାତୁଗତ ରୋଗ, ନିଦ୍ରାହିନତା, ହାଇ ବ୍ଲଡ୍ ପ୍ରେସର (ଉଚ୍ଚ ରକ୍ତଚାପ) କୋଷ୍ଠ କାଠିନ୍ୟ ଆଦି ରୋଗ ସୃଷ୍ଟି ହୁଏ ।

ଏହି ସବୁ ସମସ୍ୟା ପାଇଁ **ଓଡିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ ଆୟୁର୍ବେଦ ଶାସ୍ତ୍ରୀ କବିରାଜ** ବନମାଳୀ ଦାଶଙ୍କ ଦ୍ୱାରା **ଶିବାଷ୍ଟକ ଚୂର୍ଣ୍ଣ** ଭଳି ଦୁର୍ଲଭ ଔଷଧ ପ୍ରସ୍ତୁତ କରିଛନ୍ତି । ଏହି ଶିବାଷ୍ଟକ ଚୂର୍ଣ୍ଣ ବ୍ୟବହାର କଲେ ବହୁ ପୁରାତନ ଗ୍ୟାଷ୍ଟ୍ରିକ, ବଦହଜମି, ଆମ୍ବିଳା ହାକୁଟି, କ'ଣ ଦିଟା ଖାଇଲେ ପେଟ ଭାରି ଭାରି ଲାଗିବା, ଛାତି ତଣ୍ଟି ପୋଡା ଜଳା ହେବା, ପେଟ ମରା, ତଳି ପେଟ କାମୁଡିବା, ଦୀର୍ଘଦିନର କୋଷ୍ଠବଦ୍ଧତା ଆଦିକୁ ଦୂର କରି ଆଶ୍ଚର୍ଯ୍ୟ ଭାବରେ ଭୋକ ଓ ହଜମ ଶକ୍ତି ବଢାଏ । ପ୍ରତିଦିନ ୨ ଚାମଚ ଶିବାଷ୍ଟକ ଚୂର୍ଣ୍ଣ ଦିନକୁ ୨ ଥର ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲେ ଆଶୁ ଫଳ ମିଳେ । ଯଦି ଝାଡା ସଫା ନ ହୁଏ ତେବେ ଶୋଇବା ପୂର୍ବରୁ ଉଷୁମ ପାଣିରେ ୨ ଚାମଚ **ଓଡିଶା ପେଟ ଶୁଦ୍ଧି ଚୂର୍ଣ୍ଣ** ଖାଇବେ ।




Fast Relief from ACIDITY,INDIGESTION & CONSTIPATION

## ଶିବାଷ୍ଟକ ଚୂର୍ଣ୍ଣ

ଆୟୁର୍ବେଦ ବିଶାରଦ
କବିରାଜ ବନମାଳୀ ଦାଶ

ଏହା ବ୍ୟବହାର କଲେ ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା, ଅଜୀର୍ଣ୍ଣ, କୋଷ୍ଠ କାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢ଼ାଏ

ଓଡ଼ିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ Contact- 9437883226

Advt.



# ବିସ୍ମୟ ମଣିଷ

**କୁହାଯାଏ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ହେଉଛି ମଣିଷ। ତା' ମଧ୍ୟରେ ଭରି ରହିଥାଏ ଅସୀମ ଶକ୍ତି। ହେଲେ ଅନେକ ସମୟରେ ସେ ଅଜ୍ଞ ଥାଏ ନିଜ ଭିତରର ସେଇ ଶକ୍ତି ସମ୍ପର୍କରେ। ଯେବେ ସେ ନିଜର ସେଇ ସୁପ୍ତ ଶକ୍ତିକୁ ଅନୁଭବ କରେ ଓ ତାକୁ ଜାଗ୍ରତ କରିବାରେ ସମର୍ଥ ହୁଏ, ସେବେ ଯାଇ ସେ ଅସମ୍ଭବକୁ ବି ସମ୍ଭବ କରିପାରେ। ଆଉ ସମସ୍ତେ ତାଙ୍କୁ କହନ୍ତି ବିସ୍ମୟ ମଣିଷ ବୋଲି...**

**ଆଖି ବନ୍ଦ ଥାଇ ବି ଦେଖିପାରନ୍ତି ୱଣ୍ଡରଗର୍ଲ ସୋନାଲିସା:** ଆଖି ଖୋଲା ଥାଇ ବି ଆମେ ବେଳେବେଳେ ଯେଉଁ କାମ କରି ପାରୁନା ସେ କାମକୁ ସେ ଆଖିରେ ପଟି ବାନ୍ଧି କରିପାରନ୍ତି। ଯେକୌଣସି କାଗଜରେ ଲେଖାଯାଇଥିବା ବିଷୟକୁ ପଢିବାଠାରୁ ଆରମ୍ଭ କରି ସିଡି ଚଢିବା, ରୋଷେଇ କରିବା, ଏମିତିକି ସାଇକେଲ ବି ସେ ଆଖିରେ ପଟି ବାନ୍ଧି ବେଶ୍ ଆରାମରେ ଚଲାଇପାରନ୍ତି। ତା'ସହ ତାଙ୍କ ସମ୍ମୁଖରେ ଯଦି ହାତ ଆଙ୍ଗୁଳିରେ କିଛି ଇସାରା କରିବେ ତାହା ବି ସେ ଜାଣିପାରନ୍ତି। ତାଙ୍କର ଏଭଳି ପ୍ରତିଭାକୁ ଦେଖି ଅନେକେ କହନ୍ତି ଏହା ଭଗବାନଙ୍କ କୃପା। ହେଲେ ପ୍ରକୃତରେ ଏହା କେବଳ ତାଙ୍କ ନିଷ୍ଠା ପାଇଁ ସମ୍ଭବ ହେଇଛି। ସେ ହେଲେ କେନ୍ଦୁଝର ଜିଲାର ଚମ୍ପୁଆ ବ୍ଲକ ଭଣ୍ଡା ଗ୍ରାମ ନିକଟ ରଙ୍ଗାମାଟିଆ ପଞ୍ଚାୟତ ବାଙ୍କିଆ ଗ୍ରାମର **ସୋନାଲିସା ମହାନ୍ତ**। ବୟସ ସିନା କମ୍, ହେଲେ କାମ ତାଙ୍କର ଏମିତି ଯେ ବଡ଼ ବଡ଼ ଲୋକ ବି ତାଙ୍କ ପ୍ରତିଭାକୁ ସମ୍ମାନ ଓ ପ୍ରଶଂସା ନ କରି ରହିପାରନ୍ତି ନାହିଁ। ସୋନାଲିସା କୁହନ୍ତି, 'ମାତ୍ର ୧୦ ବର୍ଷ ବୟସର ହୋଇଥିବାବେଳେ ମୁଁ ୟୁଟ୍ୟୁବ୍‌ରେ ଏକ ଭିଡିଓ ଦେଖିଥିଲି। ଯେଉଁଥିରେ ଜଣେ ବିଦେଶୀ ଝିଅ ଆଖିରେ ପଟି ବାନ୍ଧି ବିଭିନ୍ନ ରଙ୍ଗର ବଲ୍‌କୁ କେବଳ ସ୍ପର୍ଶ କରି କେଉଁ ରଙ୍ଗର କହିପାରୁଥିଲେ। ଏହି ବିଦ୍ୟା ଦେଖି ସେମିତି କରିବାକୁ ମୋର ବି ଇଚ୍ଛା ହୋଇଥିଲା। ତା'ସହ ଶୁଣିଥିଲି ମଣିଷର ତୃତୀୟ ନୟନ ଥାଏ, ଯାହାକୁ ସକ୍ରିୟ କଲେ ଏଭଳି ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇପାରିବ। ତେଣୁ ଟିଭି/ମୋବାଇଲ ଦେଖି ଯୋଗ ଓ ମେଡିଟେଶନ କରି ବାହ୍ୟଜଗତକୁ ଭୁଲି ମନକୁ ନିୟନ୍ତ୍ରଣ କରିବା ଅଭ୍ୟାସ କଲି। ତା'ସହ ବ୍ରେନ୍ ଡେଭଲପମେଣ୍ଟ ପାଇଁ ଏକ ତାଲିମ ବି ନେଲି। ଏଥିରେ ମୋ ବାପା ପ୍ରଦୀପ କୁମାର ମହାନ୍ତ ଯେକି ଖଣି ସଂସ୍ଥାରେ ଲୋଡର ଅପରେଟର ଭାବରେ କାମକରନ୍ତି ଏବଂ ମା' କବିତା ମହାନ୍ତ ମୋତେ ବହୁତ ସହଯୋଗ କରିଥିଲେ। ଧୀରେ ଧୀରେ ମୋର ମନକୁ ନିୟନ୍ତ୍ରଣ କରିବାର ଶକ୍ତି ଆସିଲା। ଆଉ ଆଖି ବନ୍ଦ କରି ସାମ୍ନାରେ ଥିବା ଆଙ୍ଗୁଳିର ଠାରକୁ ଜାଣି ପାରିଲି। ନିରନ୍ତର ପ୍ରୟାସ ଓ ନିଷ୍ଠା ରଖି ଏକାଗ୍ରତା ବଢ଼ାଇ ସାଇକେଲ ବି ଚଳାଇପାରିଲି। ୨୦୧୫ ମସିହା ବେଳକୁ ପ୍ରଥମେ ଘରେ ପରିବାର ଲୋକଙ୍କ ସାମ୍ନାରେ ଓ ପରେ ସ୍କୁଲରେ ସାଙ୍ଗସାଥୀମାନଙ୍କ ଆଗରେ ମୋ ପ୍ରତିଭାକୁ ପ୍ରଦର୍ଶିତ କଲି। ସମସ୍ତେ ମୋତେ ବହୁତ ପ୍ରଶଂସା କରିଥିଲେ। ଏହାପରେ ଷ୍ଟେଜ୍‌ରେ ଲୋକଙ୍କ ସାମ୍ନାରେ ଶୋ' କରିବାକୁ ଭାବିଲି। ଆଖିରେ ତୁଳା ଓ ତା'ଉପରେ କପଡା ବାନ୍ଧି ଏହି କଳାକୁ ମୁଁ ଶହ ଶହ ଲୋକଙ୍କ ସାମ୍ନାରେ ପ୍ରଦର୍ଶିତ କରି ବହୁତ ପ୍ରଶଂସା ଓ ପ୍ରୋତ୍ସାହନ ପାଇଲି। କେନ୍ଦୁଝର ବ୍ୟତୀତ ପଡ଼ୋଶୀ ଦେବଗଡ଼, ମୟୂରଭଞ୍ଜ ଜିଲାକୁ ଯାଇ ବି ମୁଁ ମୋ କଳାକୁ ପ୍ରଦର୍ଶିତ କରିଛି। ଇଚ୍ଛା ଅଛି ଏକାଗ୍ରତାକୁ ଆହୁରି ବଢ଼ାଇ ଏତେ ସୁଦୃଢ଼ କରିବି ଯେମିତିକି ଆଖି ବନ୍ଦ ଥାଇ ବି ଦୂର ଦୂରାନ୍ତର ସ୍ଥାନ ସହ ସମ୍ପର୍କ ରଖିପାରିବି। ମୁଁ ଆଖିରେ ପଟି ବାନ୍ଧି ୪ କି.ମି. ପର୍ଯ୍ୟନ୍ତ ସାଇକେଲ ଚଲାଇପାରେ। ଜନଗହଳିପୂର୍ଣ୍ଣ ଚମ୍ପୁଆ ସହରରେ ବି ମୁଁ ସାଇକେଲ ଚଲାଇଛି। ୫୦-୧୦୦ ସେ.ମି. ପର୍ଯ୍ୟନ୍ତ ଦୂରତାରେ ଥିବା ଜିନିଷକୁ ମୁଁ ଆଖିବନ୍ଧା ଥାଇ ବି କ୍ଲିୟର ଦେଖିପାରେ। ୟା'ଠୁ ଦୂର ହେଲେ ଝାପ୍‌ସା ଦେଖାଯାଏ। ତେଣୁ ମୁଁ ମୋର ଏକାଗ୍ରତାକୁ ଅଧିକରୁ ଅଧିକ ବଢ଼ାଇବାକୁ ଚେଷ୍ଟା କରୁଛି। ଏଥିପାଇଁ ସବୁଦିନ ସକାଳୁ ଉଠି ଅଭ୍ୟାସ କରୁଛି।' ସୋନାଲିସା ସ୍ଥାନୀୟ ଆଦର୍ଶ ବିଦ୍ୟାଳୟର ଛାତ୍ରୀ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇ ସେ ୯୫.୨ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି କଳା ବାଦ୍ ସେ ନୃତ୍ୟ, ଅଭିନୟ, ମେଡେଲିଂ, ଆଙ୍କରିଂ, ଡ୍ରଇଂ, କୁକିଂ, ଗାର୍ଡେନିଂ ଆଦିରେ ବି ସଉକ ରଖନ୍ତି। ବଡ଼ ହୋଇ ପ୍ରଶାସନିକ ସେବାରେ ଯୋଗଦେବା ସହ ପ୍ରଥମେ ଜଣେ ଭଲ ମଣିଷ ହେବାକୁ ଆଶା ରଖିଛନ୍ତି। ଏହାବାଦ୍ ନିକଟରେ ସେ ଏକ ଘରୋଇ ଟିଭି ଚାନେଲର ରଜ କୁଇନ ପ୍ରତିଯୋଗିତାରେ ଦ୍ୱିତୀୟ ରାଉଣ୍ଡ ପର୍ଯ୍ୟନ୍ତ ସିଲେକ୍ଟ ହୋଇଛନ୍ତି।

**ପାଟିରେ କଳା ପ୍ରଦର୍ଶନ କରି ପାଇଛନ୍ତି ପରିଚୟ:** ପିଲାଟି ଦିନରୁ କିଛି ଭିନ୍ନ କରିବାର ଇଚ୍ଛା ଥିଲା। ଆଉ ଯେବେ ଟିଭିରେ ବିଭିନ୍ନ ବ୍ୟକ୍ତିଙ୍କ ନିଆରା ରେକର୍ଡ ଦେଖିଲେ ନିଷ୍ପତ୍ତି ନେଲେ ସେ ବି ଦିନେ ରେକର୍ଡ କରିବେ। ଏହାପରେ ସେ ଇଣ୍ଟରନେଟ ମାଧ୍ୟମରେ କେଉଁ କେଉଁ କ୍ଷେତ୍ରରେ ରେକର୍ଡ ହେଉଛି ଓ ସେସବୁକୁ କେମିତି ଭାଙ୍ଗି ହେବ ସେଥିପାଇଁ ଅଭ୍ୟାସ କଲେ। ସେ ହେଉଛନ୍ତି ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ଭାବରଡ଼ା ଗ୍ରାମର ଭଗବାନ ମହାରଣା ଓ ଗୀତାଞ୍ଜଳି ମହାରଣାଙ୍କ ପୁଅ **ମନୋଜ କୁମାର ମହାରଣା**। ମନୋଜ କୁହନ୍ତି, 'ପ୍ରଥମେ ତ ସାଇକେଲରେ ବହୁ ଦୂର ଯାଇ ରେକର୍ଡ କରିବାକୁ ଭାବିଥିଲି। ହେଲେ କୌଣସି କାରଣରୁ ତାହା ସମ୍ଭବ ହୋଇ ନଥିଲା। ତେଣୁ ଅନ୍ୟ କୌଣସି କ୍ଷେତ୍ରରେ ରେକର୍ଡ କରିବାକୁ ଭାବିଲି। ଦଶମ ପଢିବାବେଳେ ୧ରୁ ୧୦୦ ପର୍ଯ୍ୟନ୍ତ ସଂଖ୍ୟାର ବର୍ଗଫଳ ବାହାର କରିବାର ସହଜ ସୂତ୍ର ନିଜେ ବାହାର କରିଥିଲି। ତେଣୁ ଗ୍ରାଜୁଏଶନ୍ କରିବାବେଳେ ଭାବିଲି ୧ରୁ ୧୦୦୦ ପର୍ଯ୍ୟନ୍ତ ସଂଖ୍ୟାର ବର୍ଗଫଳ କମ୍ ସମୟରେ ଲେଖି ଗିନିଜ ରେକର୍ଡ କରିବି। ସେଥିପାଇଁ ଅଭ୍ୟାସ ବି କଲି। ଅଭ୍ୟାସ ହୋଇଗଲା ପରେ ଏକ ଭିଡିଓ କରି ଗିନିଜ ୱାର୍ଲ୍ଡ ରେକର୍ଡକୁ ପଠାଇଥିଲି। କିନ୍ତୁ ଗିନିଜ ପକ୍ଷରୁ କୌଣସି ଉତ୍ତର ମିଳି ନ ଥିଲା। ଏଥିରେ ହାର ନ ମାନି ପାଟି ମାଧ୍ୟମରେ ରେକର୍ଡ, ଅର୍ଥାତ୍ ପାଟିରେ କେମିତି ଅଧିକରୁ

→





ସୋନାଲିସା ମହାନ୍ତ




ମନୋଜ କୁମାର ମହାରଣା







ତିଳୋତ୍ତମା ପାତ୍ର

ଅଧିକ ଜିନିଷ ରଖି ପାରିବି ସେଥିଲାଗି ଅଭ୍ୟାସ କଲି। ପ୍ରଥମେ ବହୁ ସଂଖ୍ୟକ ପ୍ଲାଷ୍ଟିକ ଷ୍ଟ୍ର ରଖିବାକୁ ନିଷ୍ପତ୍ତି ନେଲି। ଆଉ ପାଠପଢ଼ାରୁ କିଛି ସମୟ ବାହାର କରି ଅଭ୍ୟାସ କଲି। ୨୦୧୭ ଅଗଷ୍ଟ ୨୮ ତାରିଖରେ ବ୍ରହ୍ମପୁର ଟାଉନ ହଲ୍‌ଠାରେ ଲୋକଙ୍କ ସମ୍ମୁଖରେ ପାଟିରେ ୪୫୯ଟି ପ୍ଲାଷ୍ଟିକ ଷ୍ଟ୍ର ରଖିବାରେ ସଫଳ ହେଲି। ତା'ସହ ସେହି ଷ୍ଟ୍ରଗୁଡ଼ିକୁ ନ ଛୁଇଁ ୧୦ ସେକେଣ୍ଡ ଯାଏ ପାଟିରେ ରଖିଲି। ଏହାର ଭିଡିଓକୁ ଗିନିଜ ରେକର୍ଡ ପାଇଁ ପଠାଇଥିଲି। ସେହି ବର୍ଷ ଡିସେମ୍ବର ୪ ତାରିଖରେ ମୁଁ ଗିନିଜ ରେକର୍ଡ କରିଥିବା ନେଇ ଗିନିଜ୍‌ର ସମସ୍ତ ପ୍ରମାଣ ପତ୍ର ଆସିଲା। ଲଣ୍ଡନର ସାଇମନ ଏଲମୋରଙ୍କ ରେକର୍ଡକୁ ଭାଙ୍ଗି ମୁଁ ନୂଆ ରେକର୍ଡ କରିଥିଲି। ସାଇମନ ୨୦୦୯ରେ ୪୦୦ଟି ଷ୍ଟ୍ର ପାଟିରେ ରଖି ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲେ। ପ୍ରଥମ ସଫଳତା ପରେ ମୁଁ ପାଟିରେ ୨୧ଟି ଜଳନ୍ତା ମହମବତି ରଖି ୨୦୧୭ରେ ହିଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲି। ପୁଣି ଥରେ ସେହି ବର୍ଷ ପାଟିରେ ୨୬୫ଟି ତାସ କାର୍ଡ ରଖି ରେକର୍ଡ ସେଟର ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଓ ଦ୍ରୁତ ଗତିରେ ଅକ୍ଷର ଲେଖିବା ନେଇ ରେକର୍ଡ ସେଟର ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଲି। ୨୦୧୮ ମସିହାରେ ପାଟିରେ ଟୁଥ୍ ପିକ୍‌କୁ ଗୋଟିଏ ମିନିଟରେ ୩୬ ଥର ବୁଲାଇ ଦ୍ୱିତୀୟ ଥର ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବାରେ ସଫଳ ହେଲି। ଫଳରେ ମାତ୍ର ୨୪ ବର୍ଷ ବୟସ ଭିତରେ ଗିନିଜ୍ ୱାର୍ଲଡ୍ ରେକର୍ଡସ୍‌ରେ ଦୁଇଥର ସ୍ଥାନ ପାଇଥିବା ମୁଁ ପ୍ରଥମ ଓଡ଼ିଆ ହେବାର ଗୌରବ ଅର୍ଜନ କରିପାରିଲି। ଏହାପରେ ମୋ ମନରେ ଅନେକ ସଂଖ୍ୟକ ରେକର୍ଡ ହାସଲ କରିବାର ଆଶା ଦୃଢୀଭୂତ ହେଲା। ୨୦୧୯ ମସିହାରେ ମୁଁ ୧ରୁ ୨୦୦ ସଂଖ୍ୟାର ବର୍ଗ ଫଳ ୩.୨୦ମିନିଟ ମଧ୍ୟରେ କହି ୟୁନିଭର୍ସାଲ ବୁକ୍ ଅଫ୍ ରେକର୍ଡ, ୧ରୁ ୧୦୦ ସଂଖ୍ୟାର ବର୍ଗଫଳ ୬୮ ସେକେଣ୍ଡ ମଧ୍ୟରେ କହି ଏସିଆ ବୁକ୍ ଅଫ୍ ରେକର୍ଡ ଏବଂ ପାଟିରେ ୨୬୫ଟି ତାସ କାର୍ଡ ରଖି ୨୦୨୦-୨୨ରେ ଲିମ୍‌କା ବୁକ୍ ଅଫ୍ ରେକର୍ଡ ହାସଲ କରିବାରେ ସକ୍ଷମ ହେଲି। ଏହି ସଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ୍ୟ ସମ୍ବର୍ଦ୍ଧିତ କରିଛନ୍ତି। ନିକଟରେ ମୋର ରେଲୱେରେ ଆକାଉଣ୍ଟାଣ୍ଟ କ୍ଲର୍କଭାବେ ଚାକିରି ହୋଇଛି। ଚାକିରିରେ ଯୋଗ ଦେବାପରେ କାମ ସହ ରେକର୍ଡ କରିବାକୁ ଚେଷ୍ଟା କରିବି। ଏହାବାଦ୍ ମୁଁ ଲେଖାଲେଖି କରିବାକୁ ବି ଭଲ ପାଏ। ମୋର ଅନେକ ଗୀତକୁ ହ୍ୟୁମାନ ସାଗର, ମଣ୍ଟୁ ଛୁରିଆଙ୍କ ଭଳି ଓଡ଼ିଶାର ନାମୀଦାମୀ ଗାୟିକାଗାୟକ ଗାଇଛନ୍ତି। ମୋର 'ଉଠ ଜଗନ୍ନାଥ' ନାମକ ପୁସ୍ତକ ପ୍ରକାଶ ପାଇଛି,୨୫୦୦ରୁ ଊର୍ଦ୍ଧ୍ୱ କବିତା ବି ଲେଖିଛି। ଏହାବାଦ୍ ଗଛ ଲଗାଇ, ରକ୍ତଦାନ ଓ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକୃତି ବନ୍ଧୁ ପୁରସ୍କାର ମଧ୍ୟ ପାଇଛି। ତେବେ ମୋର ଇଚ୍ଛା ଅଧିକରୁ ଅଧିକ ଗିନିଜ ୱାର୍ଲ୍ଡ ରେକର୍ଡ କରି ଓଡ଼ିଶାର ନାଁକୁ ଗୌରବାନ୍ୱିତ କରିବା। ତେଣୁ କିଛି ରେକର୍ଡ ପାଇଁ ଆବେଦନ ବି କରିଛି।

**ପ୍ରୌଢ଼ଶିକ୍ଷାରୁ ଲେଖିକା:** ଜଗତ୍‌ସିଂହପୁର ଜିଲା ପାରାଦୀପ, ନୂଆବଜାରସ୍ଥ ଟ୍ରଲିପଡା ବସ୍ତିର ପରିଚିତ ନାମ ହେଲା ତିଳ ମାଉସୀ। ତେବେ ପୁରା ନାଁ ତାଙ୍କର **ତିଳୋତ୍ତମା ପାତ୍ର**। କଟକ ଜିଲ୍ଲା ଧବଳେଶ୍ୱର ନିକଟସ୍ଥ ଲିଙ୍ଗାପଡାରେ ତାଙ୍କ ଜନ୍ମ। ଆର୍ଥିକ ଅନଟନ ଲାଗି ସେ ଆଦୌ ପାଠ ପଢି ନ ଥିଲେ। ତେବେ ସେହି ଅ ଅକ୍ଷର ବିବର୍ଜିତା ତିଳୋତ୍ତମା, ବୟସର ଅପରାହ୍ନରେ ସୁଯୋଗ ପାଇଥିଲେ ପ୍ରୌଢ଼ ଶିକ୍ଷାରେ ଅଧ୍ୟୟନ କରିବାର। ଆଉ ସେଇ ସ୍ୱଳ୍ପ ଶିକ୍ଷା ପାଇବା ପରେ ହିଁ ବଦଳିଗଲା ତାଙ୍କ ଜୀବନର ଗତିପଥ। ହାତର କଲମ ତାଙ୍କର ହେଲା ଅଧୀର। ଆଉ ସେ ଲେଖି ଚାଲିଲେ କେତେ ଯେ ଗୀତି କବିତା,ଜଣାଣ ଓ ଛାନ୍ଦ । ଅନେକ ପତ୍ର ପତ୍ରିକାରେ ପ୍ରକାଶ ପାଇଲା ତାଙ୍କ ଲେଖା। ଏହା ତାଙ୍କ ମନରେ ଏତେ ଉତ୍ସାହ ଭରିଦେଲା ଯେ, ନିଜର ପୁସ୍ତକ ବି ପ୍ରକାଶ କଲେ। ପରେ ସେ ଆଶାକର୍ମୀଭାବେ ବି ଚୟନ ହେଲେ। ବସ୍ତିର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବି ସେ କରୁଛନ୍ତି ନିରନ୍ତର ପ୍ରୟାସ। ତିଳୋତ୍ତମା କୁହନ୍ତି,'ପିଲାଦିନେ ଘରର ଆର୍ଥିକସ୍ଥିତି ଏତେ ଖରାପ ଥିଲା ଯେ ପଢିବାର ସୁଯୋଗ ପାଇ ନ ଥିଲି। ୧୮ ବର୍ଷ ବୟସର ହୋଇଥିବାବେଳେ ମୋର ବିବାହ କାକଟପୁର ନୂଆପଡାର ବୈଷ୍ଣବ ପାତ୍ରଙ୍କ ସହ ହୋଇଗଲା। ୧୯୯୦ ମସିହାରେ ମୋ ସ୍ୱାମୀ ପାରାଦୀପରେ ଟ୍ରଲି ଚଲାଇ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ତାରି ଭିତରେ ମୋର ଦୁଇ ଝିଅ ଓ ଦୁଇ ପୁଅ ହେଲେ। ୧୯୯୨ର କଥା। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦରାଞ୍ଚଳରେ ଥିବା ବୃଦ୍ଧାବୃଦ୍ଧଙ୍କ ପାଇଁ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପାଠ ପଢିବାର ଇଚ୍ଛାଟି ମୋ ମନରେ ଉଙ୍କିମାରିଲା। ଆଉ ସେହି ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ମୋର ପଢା ଆରମ୍ଭ ହେଲା। ସେତେବେଳେ ୩୦ ଜଣ ବୃଦ୍ଧାବୃଦ୍ଧ ଆସିଥିଲେ ପଢିବା ଲାଗି। ହେଲେ ସେମାନଙ୍କ ମଧ୍ୟରୁ ଅନେକେ ବିଭିନ୍ନ କାରଣ ପାଇଁ ଅଧାରୁ ପାଠ ଛାଡିଥିଲେ। କିନ୍ତୁ ମୁଁ ଓ ଆଉ ୫ ଜଣ ଲଗାତର ୩ ବର୍ଷ ପଢି ତୃତୀୟ ଭାଗ(ଶ୍ରେଣୀ)ଶେଷ କରିଥିଲୁ। ସେତେବେଳେ ମୁଁ ଜାଣିବାକୁ ପାଇଲି ପାରାଦୀପ ବନ୍ଦର ସାକ୍ଷରତା ସମିତିର ମାସିକ ପତ୍ରିକା 'ସାକ୍ଷରଦୀପ' ପ୍ରକାଶ ପାଉଛି। ମୋର ବି ଇଚ୍ଛା ହେଲା କିଛି ଲେଖିକି ଦେବି। ପ୍ରଥମକରି ଜଗନ୍ନାଥଙ୍କ ଜଣାଣଟିଏ ଲେଖିକି ଦେଇଥିଲି। ତାହା ପ୍ରକାଶ ବି ପାଇଲା। ସେତେବେଳେ ଏତେ ଖୁସି ଲାଗିଲା ଯେ, ଲେଖାଲେଖି କରିବାର ଇଚ୍ଛା ବଢିଗଲା। ଆଉ ଅନେକ ଗୀତିକବିତା, ଜଣାଣ, ଛାନ୍ଦ, ଲେଖି ଚାଲିଲି। ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇବା ପରେ ଇଚ୍ଛା ହେଲା ନିଜର ଏକ ବହି ପ୍ରକାଶ କରିବାକୁ। ଆଉ ସେ ସ୍ୱପ୍ନ ବି ପୂରଣ ହେଲା। ନିଜସ୍ୱ କବିତା ସଂକଳନ 'ପ୍ରଥମ ଗୀତ' ପ୍ରକାଶ ପାଇଲା। ଏହାପରେ ଛୋଟ ପିଲାଙ୍କ ପାଇଁ ଖେଳ କବିତା 'ଟିକି ଚଢ଼େଇ' ମଧ୍ୟ ପ୍ରକାଶ ପାଇଲା। ଏମିତି ଲେଖାଲେଖି କରିବା ଯୋଗୁ ବିଭିନ୍ନ ଅନୁଷ୍ଠାନ ମୋତେ ସମ୍ମାନିତ କଲେ। ୟା'ମଧ୍ୟରେ ୨୦ରୁ ଅଧିକ ମାନପତ୍ର ମୁଁ ପାଇସାରିଲିଣି। ବିଭିନ୍ନ ଖବର କାଗଜରେ ବି ମୋ ସମ୍ପର୍କରେ ଲେଖା ପ୍ରକାଶ ପାଇଛି। ଏହାପରେ ୨୦୧୦ରେ ମୋତେ ଆଶାକର୍ମୀ ଭାବେ ଚୟନ କରାଗଲା। ଏବେ ମୁଁ ସେହି କାମ କରୁଛି। ୨୦୧୮ରେ ମୁଁ ମାଟ୍ରିକ ପରୀକ୍ଷା ଦେଇଥିଲି। ଏବେ ମୁଁ ବଙ୍ଗଳା, ହିନ୍ଦୀ, ଇଂଲିଶ, ଓଡ଼ିଆ ଲେଖି ପଢି ପାରୁଛି। ଆଶାକର୍ମୀ ଖାତାରେ ବି ଲେଖୁଛି। ଶିକ୍ଷା ମୋତେ ଆଗକୁ ଯିବାର ବାଟ ଦେଖାଇଛି। ଯଦି ମୁଁ ପ୍ରୌଢ଼ଶିକ୍ଷା କେନ୍ଦ୍ରକୁ ଯାଇ ନ ଥାନ୍ତି ତେବେ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ତାହା କେବେ ସମ୍ଭବ ହୋଇ ନ ଥାନ୍ତା।

**ଦୁଃସାହସିକ ଷ୍ଟଣ୍ଟ କରି ବାଣ୍ଟନ୍ତି ସଚେତନତା ବାର୍ତ୍ତା:** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ଦଳବାଡ ଗାଁର ମାନସ ମଲ୍ଲିକ। ସେ ବେଶ୍ ପରିଚିତ ଷ୍ଟଣ୍ଟମ୍ୟାନ୍ ଭାବେ। ତେବେ ମାନସ ଖାଲି ଷ୍ଟଣ୍ଟ ଦେଖାନ୍ତି ନାହିଁ ବରଂ ଷ୍ଟଣ୍ଟ ମାଧ୍ୟମରେ ସମାଜ ସଚେତନତାମୂଳକ ବାର୍ତ୍ତା ବାଣ୍ଟନ୍ତି। ତାଙ୍କ ମତରେ ଷ୍ଟଣ୍ଟ ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ କରି ତାଙ୍କୁ ସୁବାର୍ତ୍ତା ଦେଲେ ତା'ର ପ୍ରଭାବ ବେଶି ପଡ଼େ। ସେଥିପାଇଁ ସେ ଦୁଇ ହାତ ଛାଡି, ବାଇକ ଉପରେ ଠିଆ ହୋଇ, ଶୋଇ, ବସି ବିଭିନ୍ନ ପ୍ରକାରର ଷ୍ଟଣ୍ଟ କରି ସେ ସାରା ଓଡ଼ିଶା ବୁଲନ୍ତି ଓ ବାର୍ତ୍ତା ବାଣ୍ଟନ୍ତି। ମାନସ କୁହନ୍ତି,' ପିଲାଟି ଦିନରୁ ମୋର ଷ୍ଟଣ୍ଟ ପ୍ରତି ଆଗ୍ରହ ଥିଲା। କଲେଜ ପଢିବାବେଳେ ଷ୍ଟଣ୍ଟ କରିବାକୁ ଚେଷ୍ଟା କରୁଥିଲି। ୨୦୦୧ରେ ମୁଁ ପାରାଦୀପର ଏକ ଗ୍ୟାରେଜ୍‌ରେ ବାଇକ୍ ମେକାନିକ ଭାବେ କାମ କଲି। ଏହାପରଠାରୁ ଷ୍ଟଣ୍ଟ କରିବା ପ୍ରତି ମୋର ମନ ବେଶି ବଳାଇଲା। ଆଉ ପ୍ରଥମେ ପାରାଦୀପରୁ ହିଁ ବାଇକ୍ ଉପରେ ଷ୍ଟଣ୍ଟ କରି ଓଡ଼ିଶା ଭ୍ରମଣ ସହ ସମାଜ ସଚେତନତାମୂଳକ ବାର୍ତ୍ତା ବାଣ୍ଟିବା ଆରମ୍ଭ କରିଥିଲି। ବାଟରେ ପଡୁଥିବା ସବୁ ସ୍କୁଲ କଲେଜକୁ ଯାଇ ବି ଷ୍ଟଣ୍ଟ ଦେଖାଇଥାଏ ଏବଂ କନ୍ୟାରତ୍ନ ସୁରକ୍ଷା, ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ, ନିଶା ବର୍ଜନ ପରି ବାର୍ତ୍ତା ବାଣ୍ଟେ। କାରଣ ପିଲାମାନେ ହିଁ ଭବିଷ୍ୟତ। ସେମାନଙ୍କୁ ଛୋଟବେଳୁ ସଚେତନ କରାଇବା ନିହାତି ଜରୁରୀ। ଏହାବାଦ ଜାନୁୟାରୀ ୨୬, ଅଗଷ୍ଟ ପନ୍ଦର, ଗାନ୍ଧୀ ଜୟନ୍ତୀ ଭଳି ସ୍ୱତନ୍ତ୍ର ଦିବସ ଅବସରରେ ବି ମୁଁ ବାଇକ୍‌ରେ ବିଭିନ୍ନ ଷ୍ଟଣ୍ଟ କରି ଓଡ଼ିଶା ଭ୍ରମଣ କରେ। ବାଇକ୍‌ରେ ଷ୍ଟଣ୍ଟ କରି ମୁଁ ସର୍ବାଧିକ ୧୭୦୦ କି.ମି. ଯାତ୍ରା କରିଛି। ଏବେ ମୋର ନିଜର ଗ୍ୟାରେଜ ଅଛି। ତା'ସହ ମୁଁ ରାଜନୀତିରେ ସକ୍ରିୟ। ଚନ୍ଦନନଗର ପଞ୍ଚାୟତରେ ସମିତି ସଭ୍ୟ ଅଛି।

ପ୍ରତିଭା ତ ସମସ୍ତଙ୍କ ଭିତରେ ଥାଏ। ହେଲେ ତା'ର ବିକାଶ ହେବା ନିର୍ଭର କରେ ନିଜର ନିଷ୍ଠା ଓ ପରିଶ୍ରମ ଉପରେ। ଆଉ ଯେବେ ମଣିଷ ଏକାଗ୍ର ଚିତ୍ତରେ ହୃଦୟର ସହ କିଛି କରିବାକୁ ନିଷ୍ପତ୍ତି ନିଏ ଅସମ୍ଭବ ବି ସମ୍ଭବ ହୋଇଯାଏ। ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ଏଇ ମଣିଷମାନେ।

**-ଶିବାନୀ ମହାନ୍ତି**

**ତଥ୍ୟ: ନରେଶ ଚନ୍ଦ୍ର ପଟ୍ଟନାୟକ, ସ୍ମୃତି ରଞ୍ଜନ ମହାଲିକ, ଶରତ କୁମାର ରାଉତ, ଭାସ୍କର ରାଉତରାୟ**




ମାନସ ମଲ୍ଲିକ



# ପଞ୍ଚାନନଙ୍କ ଚିତ୍ର ଦୁନିଆ

**କ୍ୟାମେରା ଆସିବା ପରେ ଚିତ୍ରର ମୋଡ଼ ବଦଳିଗଲା। କିନ୍ତୁ ଶିଳ୍ପୀ ତା’ ଚିତ୍ରକଳାରେ ଏମିତି କିଛି ସୃଷ୍ଟି କରିଥାଏ, ଯାହା କ୍ୟାମେରାରେ ହୋଇ ନ ଥାଏ। ତାହା ହିଁ ଶିଳ୍ପୀର ସ୍ୱତନ୍ତ୍ରତା।**





ପିଲାଟିଦିନରୁ ଚିତ୍ରକଳାକୁ ନେଇ ତାଙ୍କର ସାଧନା । କେବେ ପଲ୍ଲୀ ପ୍ରକୃତି ତ ପୁଣି କେବେ ପରମ୍ପରା ଓ ସାଂସ୍କୃତିକ ଭାବକୁ ନେଇ ସେ ଆଙ୍କିଥାନ୍ତି ବିଭିନ୍ନ ଚିତ୍ର। ଏପରି କି ପାଣି ଭିତରର ସୌନ୍ଦର୍ଯ୍ୟକୁ ଅନୁଭବ କରି ସେ ସୃଷ୍ଟି କରିଛନ୍ତି କେତେକ ମର୍ଡନ ଆର୍ଟ। ଚିତ୍ରକଳା ପାଇଁ ଓଡ଼ିଶା ଲଳିତକଳା ଏକାଡେମୀ ସମେତ ବିଭିନ୍ନ ସଂସ୍ଥାରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ ବିଶିଷ୍ଟ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ; ଯିଏକି ଏବେ ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ଭାବରେ କାର୍ଯ୍ୟରତ। ପିତା ତରଣିକାନ୍ତ ସାମଲ। ମାତା ହରିପ୍ରିୟା ସାମଲ। ଘର ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହାଟ ସରିସା ଗାଁରେ। ସେ କୁହନ୍ତି, ‘‘ଆମ ପରିବାର ଏକ କଳାପ୍ରିୟ ପରିବାର। ମୋ ବାପା ଜଣେ ପ୍ରାଇମେରି ସ୍କୁଲର ଶିକ୍ଷକ । ବିଭିନ୍ନ ପାଠ୍ୟବିଷୟକୁ ସେ ଚିତ୍ର ଆଙ୍କି ସରଳ ଭାବରେ ପିଲାଙ୍କୁ ବୁଝାଉଥିଲେ । ମୁଁ ୪ର୍ଥ ଶ୍ରେଣୀରେ ପଢୁଥିବା ବେଳେ ରଫ୍‌ଖାତାରେ ନାନା ପ୍ରକାରର ପ୍ରାକୃତିକ ଦୃଶ୍ୟକୁ ଅଙ୍କନ କରୁଥିଲି। ଏମିତିରେ ଧୀରେଧୀରେ ଚିତ୍ର କରିବା ଅଭ୍ୟାସରେ ପଡ଼ିଗଲି। ସେତେବେଳେ କେତେଜଣ ସାଙ୍ଗ ମିଶି ମୋର ବିଭିନ୍ନ ଚିତ୍ରକୁ ସ୍କୁଲ କାନ୍ଥରେ ଟଙ୍ଗାଇଥିଲେ ; ଯାହାକୁ ଦେଖି ପ୍ରଧାନ ଶିକ୍ଷକ ମୋତେ ବହୁତ ପ୍ରଶଂସା କରିଥିଲେ। ଶୀତଦିନେ ବିଲରୁ ଧାନକଟା ସରିଯାଇଥାଏ। ସ୍କୁଲଛୁଟିରେ ବିଲକୁ ଯାଇ ବିଲରୁ ଓଦାଳିଆ ମାଟିକୁ ଚକଟି ସେଠାରେ ଗୋଟିଏ ଶିବମୂର୍ତ୍ତି ଗଢିଥିଲି। ହେଲେ ଏହି ମୂର୍ତ୍ତିକୁ ବିଲରୁ କିପରି ଅନ୍ୟତ୍ର ଉଠାଇ ନେବି ସେଥିପାଇଁ ଚିନ୍ତା ଲାଗିଲା। କ’ଣ କରିବି ଭାବି ବାଉଁଶ ବୁଦାରୁ ବାଉଁଶଟିଏ ହାଣିଲି। ତା’ପରେ ବାଉଁଶ ପାତିଆ ବାହାର କରି ତାରି ସାହାଯ୍ୟରେ ବିଲରେ ଗଢିଥିବା ସେହି ଶିବ ମୂର୍ତ୍ତିଟିକୁ ଉଠାଇ ଆଣି ଘରକୁ ନେଇ ଅଜାଙ୍କୁ ଦେଖାଇଥିଲି। ଏଥିରେ ସେ ଖୁବ୍ ଖୁସୀ ହୋଇ ତାଙ୍କ ମୂର୍ତ୍ତି ଗଢିବା କାମରେ ସହଯୋଗ କରିବା ପାଇଁ ମୋତେ ସୁଯୋଗ ଦେଇଥିଲେ। ଏ ଭିତରେ ମୋର ଗାଁ ହାଇସ୍କୁଲରେ ୧୦ମ ପଢ଼ା ସରିଗଲା। ଯେହେତୁ ମୋର କଳାକାରିଗରି କାମରେ ମନ ଥାଏ ତେଣୁ ଆର୍ଟ ପଢିବାକୁ ଇଚ୍ଛା କଲି। କିନ୍ତୁ ସେହି ସମୟରେ ଦୁର୍ଗାପୂଜା ପୂର୍ବରୁ ଭୁବନଚନ୍ଦ୍ର ଦାଶ ନାମକ ଜଣେ ମାଟିମୂର୍ତ୍ତି କାରିଗର ଗାଁକୁ ଆସିଥିଲେ। ତାଙ୍କ ପାଖକୁ ଯାଇ ବିଭିନ୍ନ ମାଟିମୂର୍ତ୍ତି ଗଢିବା ଶିଖିଲି। ଏ ଭିତରେ ମୋର ଜଣେ ଡାକ୍ତର ମଉସା ମୋର ମୂର୍ତ୍ତି ଗଢିବାକୁ ଦେଖି ବାପାଙ୍କୁ କହିଲେ ଏଇ ପିଲାକୁ ଆର୍ଟକଲେଜରେ ପଢାନ୍ତୁ ଭଲ କରିବ। ଏଥିଯୋଗୁ ଆର୍ଟ ପଢିବାକୁ କଲିକତା ଯାଇଥିଲି ମାତ୍ର ବୟସ ହୋଇ ନ ଥିବାରୁ ସେହିବର୍ଷ ଗାଁକୁ ଫେରିଆସି ଯୁକ୍ତ୨ ବିଜ୍ଞାନ ପଢିଥିଲି। କିନ୍ତୁ ଆର୍ଟରେ ମନ ଥିବାରୁ ପରେ ଯାଇ ବି.କେ ଆର୍ଟ କଲେଜ, ଭୁବନେଶ୍ୱରରେ ନାମ ଲେଖାଇଥିଲି। ଏଠାରେ ଚିତ୍ରକଳାରେ ତାଲିମ ନେଲି। ତା’ପରେ ଇନ୍ଦିରା କଳା ସଙ୍ଗୀତ ବିଶ୍ୱବିଦ୍ୟାଳୟରେ ଚିତ୍ରକଳାରେ ମାଷ୍ଟର ଡିଗ୍ରୀ ହାସଲ କଲି। ଅବଶ୍ୟ ଏହି ଚିତ୍ରକଳା ପ୍ରଶିକ୍ଷଣ ସମୟରେ ଦିଲ୍ଲୀରେ ୧ବର୍ଷ ରହିଥିଲି ; କିନ୍ତୁ ସେଠାରେ ମୋ ମନଲାଖି ପରିବେଶ ନ ଥିଲା। ଚିତ୍ରକଳା ଶିକ୍ଷା ବେଳେ ବିଭିନ୍ନ ସ୍ଥାନରେ ଚିତ୍ରକଳା ଶିବିର ଆୟୋଜନ ହେଉଥିଲା। ବିଶେଷକରି ନ୍ୟାଶନାଲ ଲଳିତକଳା ଏକାଡେମୀ ଦ୍ୱାରା ଆୟୋଜିତ ବିଭିନ୍ନ ସ୍ଥାନକୁ ଯାଇ ମୋର ଅନେକ ଚିତ୍ରକୁ ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲି ; ଯାହା ମଧ୍ୟରେ ଥିଲା ରାଜସ୍ଥାନ, ଦିଲ୍ଲୀ, ସିକ୍କିମ, ବିହାର, ଓଡ଼ିଶା, ହଜାରିବାଗ, ବାଙ୍ଗୋଲୋର, କୋଚି ଆଦି ବିଭିନ୍ନ ସହର। ଏହାଛଡ଼ା ନେପାଳରେ ମଧ୍ୟ ଏକ ଚିତ୍ରକଳା ପ୍ରଦର୍ଶନୀରେ ଯୋଗ ଦେଇଥିଲି। ୧୯୮୫ରେ ନୂଆଦିଲ୍ଲୀରେ ଏଆଇଏଫ୍‌ଏସିଏସ୍‌ର ବାର୍ଷିକ ପ୍ରଦର୍ଶନୀ ଓ ଚିତ୍ର ଶିବିରରେ ଯୋଗ ଦେଇ ସଫଳତା ପାଇଲି। ସତ କହିଲେ ଚିତ୍ର କେବଳ ମୋ ସଉକ ନୁହେଁ ଏହା ମୋର ବୃତ୍ତି ଓ ରୋଜଗାରର ମାଧ୍ୟମ ମଧ୍ୟ। କାରଣ ବୃତ୍ତିଗତ ଭାବେ ମୁଁ ଭୁବନେଶ୍ୱର ଉପକଣ୍ଠସ୍ଥ ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଛି। ଶିଳ୍ପୀଭାବେ ଆଜି ଯାଏ ପ୍ରାୟ ୭ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଚିତ୍ରକଳା ପ୍ରସ୍ତୁତ କରିସାରିଛି। ବିଶେଷକରି ଗ୍ରାମୀଣ କଳା ଓ ପରମ୍ପରା ଉପରେ ଆଧାରିତ ସୃଜନଶୀଳଚିତ୍ରକୁ ଗୁରୁତ୍ୱ ଦେଇଥାଏ। ଥରେ ଭାରତୀୟ ସଂସ୍କୃତି ଓ ପ୍ରକୃତିକୁ ନେଇ ଏକ ଷଣ୍ଢ ଚିତ୍ରରେ ମଣିଷର ସବୁ ପାରିବା ପଣିଆକୁ ଉପସ୍ଥାପନ କରିବାର ପ୍ରୟାସ କରିଥିଲି। ଏହି ଚିତ୍ରକଳାଟି ଅନେକ ଶିଳ୍ପୀଙ୍କ ମଧ୍ୟରେ ଖୁବ୍ ଚର୍ଚ୍ଚା ହୋଇଥିଲା। କିନ୍ତୁ ଥରେ ଦିଲ୍ଲୀର ଏକ ଆର୍ଟ ଗ୍ୟାଲେରିକୁ ପ୍ରାୟ୨୫ଟି ଚିତ୍ର ତିଆରି କରି ପଠାଇଥିଲି । କିଛିଦିନ ପରେ ସେଠାକୁ ଯାଇ ଦେଖିଲି ପଠାଇଥିବା ସେହିସବୁ ଚିତ୍ର ସେଠାରେ ଆଉ ନ ଥିଲା ; ଯେଉଁଥିପାଇଁ ମନରେ ଖୁବ୍ ଦୁଃଖ ହେଲା। ସେହି ସଂସ୍ଥାର କାହାରିକୁ ମଧ୍ୟ ଯୋଗାଯୋଗ ହୋଇପାରି ନ ଥିଲା । କେତେକ ଶିବିରରେ ଆମକୁ କିଛି ନିର୍ଦ୍ଦିଷ୍ଟ ଚିତ୍ର କରିବା ପାଇଁ କୁହାଯାଏ। ଏଥିରେ ଆମେ ଚାହୁଁଥିବା ଚିତ୍ରକୁ ଉପସ୍ଥାପନ ନ କରି ପାରି ମନଭିତରେ କିଛି ଗୋଟେ ଅବସୋସ ରହିଗଲା ପରି ଲାଗେ। କେହି କେହି କହନ୍ତି ଶିଳ୍ପୀଙ୍କ ଜୀବନ ଭାରି ସଂଘର୍ଷମୟ ଓ କଷ୍ଟଦାୟକ। ଏଥିଯୋଗୁ ଅନେକ ଏହି ଲାଇନକୁ ଆସିବାକୁ ନାପସନ୍ଦ କରିଥାନ୍ତି। କିନ୍ତୁ କୌଣସି ଲୋକ ବିନା ସଂଘର୍ଷରେ ଉପରକୁ ଉଠେନି। ତେବେ ଶିଳ୍ପୀ କେବେ ନିରବ ରୁହେନା। ତା’ର ସର୍ଜନାକୁ ସାକାର କରିବା ପାଇଁ ସେ ସର୍ବଦା ସେହି କଳାରେ ହଜିଯାଇଥାଏ। ଏଥିରେ ସେ ଖୁସି ହୁଏ। ଏଥିରେ ସେ ଦୁନିଆକୁ ପରିବର୍ତ୍ତନ କରିବାର ସ୍ୱପ୍ନ ଦେଖେ। କିନ୍ତୁ କ୍ୟାମେରା ଆସିବା ପରେ ଚିତ୍ରର ମୋଡ଼ ବଦଳିଗଲା। ଶିଳ୍ପୀ ତା’ ଚିତ୍ରକଳାରେ ଏମିତି କିଛି ସୃଷ୍ଟି କରିଥାଏ, ଯାହା କ୍ୟାମେରାରେ ହୋଇ ନ ଥାଏ। ତାହା ହିଁ ଶିଳ୍ପୀର ସ୍ୱତନ୍ତ୍ରତା। ଗୋଟିଏ ଚିତ୍ରରେ ସମାଜକୁ ବାର୍ତ୍ତା ଦେଉଥିବାବେଳେ ଶିଳ୍ପୀର ନିଜସ୍ୱ ଢଙ୍ଗ ରହିଥାଏ। ପୁରସ୍କାର ଭାବେ ରାଜ୍ୟ ଲଳିତକଳା ଏକାଡେମୀ ଓ ଜୟଦେବ ପୁରସ୍କାର ମିଳିଛି। ସେହିପରି ହାଇଦ୍ରାବାଦରୁ କଳାମିତ୍ର, ବୋକାରରୁ କଳାରତ୍ନ ଏବଂ ଶତାଧିକ ଅନୁଷ୍ଠାନରୁ ଚିତ୍ରକଳା ପ୍ରତିଭା ପାଇଁ ଅନେକ ପୁରସ୍କାର ଓ ସମ୍ମାନ ମିଳିଛି।’’







**–ବନବିହାରୀ ବେହେରା**



# ଜ୍ଞାନୋଦୟ

–ବିମଳାଶଙ୍କର ଦାଶ

ବାପା ! ବାପା !

ଏଇ ଡାକରେ ହଠାତ୍ ଚିହିଁକି ଉଠିଲା କେଉଁକାଳରୁ ନିଜର ଏକମାତ୍ର ପୁଅ ଅବିନାଶକୁ ଦେଖିବା ପାଇଁ ତରସୁଥିବା ଗୋଟିଏ ବୃଦ୍ଧ ଆତ୍ମା। ଅନେକ ଦିନ ହେଲା ଏଇ ଡାକ ତାଙ୍କ କାନ ଶୁଣିପାରି ନ ଥିଲା। ଅପ୍ରତ୍ୟାଶିତ ଭାବେ ପୁଅର ଘରକୁ ଏଇ ଆଗମନ ଓ ଅତି ଆତ୍ମୀୟତାଭରା ବାପା ଡାକର ମଧୁର ତାନ କେଇଦିନରୁ ଶୁଖି ପଡିଥିବା ତାଙ୍କ ନିସ୍ତେଜ ଆଖି ଦୁଇଟିକୁ ସତେଜ କରିଦେଲା। ଆତ୍ମହରାପୂର୍ବକ ଆନନ୍ଦାଶ୍ରୁରେ ଭିଜି ପଡୁଥିଲା ଯେମିତି ତାଙ୍କ ସର୍ବାଙ୍ଗ ଅବୟବ। ଖଟରୁ ବିନା ସାହାରାରେ ଉଠିପାରୁ ନ ଥିଲେ ବି ପୁଅ ଆସିଛି ଜାଣି ତାଙ୍କ ଗୋଡ଼ରେ ଶରୀରର ସମସ୍ତ ଶକ୍ତି ପୁଞ୍ଜିଭୂତ ହୋଇଗଲା। ଅବିନାଶ...ମୋ' ଅବି... କହି ଖଟରୁ ଉଠିପଡ଼ି ଦାଣ୍ଡଦୁଆର ଆଡ଼କୁ ଅଗ୍ରସର ହୋଇପଡ଼ିଲେ। ତଳେ ପଡୁ ପଡୁ ତାଙ୍କୁ ଉଠାଇ ଆଣି ଅବିନାଶ ଖଟରେ ବସାଇଦେଲେ । ପାଦ ଦୁଇଟିକୁ ସଭକ୍ତି ପ୍ରଣାମ ଜଣାଇ ଅବିନାଶ ବାପା ! ବାପା ! ବୋଲି କାନ୍ଦିବାକୁ ଲାଗିଲେ ।

ବୃଦ୍ଧଙ୍କ ସେବାଶୁଶ୍ରୂଷା ନିମନ୍ତେ ଦୀର୍ଘଦିନରୁ ନିଯୁକ୍ତ ହୋଇଥିବା ଚକରା ବି ବାପପୁଅଙ୍କ ଏଇ ଅପୂର୍ବ ମିଳନ ଦୃଶ୍ୟ ଦୂରରୁ ଥାଇ ଲକ୍ଷ୍ୟ କରୁଥିଲା। ବାପପୁଅଙ୍କ ଆବେଗଭରା କଥୋପକଥନରେ ଚକରା ବି ଓଦା ହୋଇପଡୁଥିଲା ।

ପ୍ରତି ମାସରେ ଚକରା ସହରକୁ ଯାଏ। ଅବିନାଶ ବାବୁଙ୍କୁ ସାକ୍ଷାତ୍ କରି ତାଙ୍କ ବୃଦ୍ଧ ବାପାଙ୍କ ପାଇଁ ଆବଶ୍ୟକ ଔଷଧ, ଖାଦ୍ୟସାମଗ୍ରୀ, ଘର ସଉଦା ଆଉ ନିଜ ପାରିଶ୍ରମିକ ବାବଦରେ ମୋଟା ଅର୍ଥ ଘେନି ଆସେ। ଅବିନାଶ ବାବୁ ଗାଁରେ ରହୁଥିବା ନିଜ ବୃଦ୍ଧ ବାପାଙ୍କ ଦେଖାଶୁଣା ପାଇଁ ଟଙ୍କା ଖର୍ଚ୍ଚ କରିବାରେ ତିଳେମାତ୍ର କାର୍ପଣ୍ୟତା ଦେଖାନ୍ତି ନାହିଁ ସତ କିନ୍ତୁ ଗାଁକୁ ଯାଇ ବାପାଙ୍କ ପ୍ରତ୍ୟକ୍ଷ ଦାୟିତ୍ୱ ତୁଲାଇବାକୁ ଟିକିଏ ଅମଙ୍ଗ ହୋଇ ପଡୁଥାଆନ୍ତି। ବୃଦ୍ଧ ବାପାଙ୍କୁ ଅନ୍ତତଃ ମାସକୁ ଥରେ ଦେଖାକରି ଆସିବାକୁ ଅନୁରୋଧ କରିବାକୁ ଚାହୁଁଥିଲେ ବି ଅବିନାଶ ବାବୁଙ୍କୁ କହିବାକୁ ଚକରା କେବେ ସାହସ ଜୁଟାଇ ପାରୁ ନ ଥିଲା। ଯେତେହେଲେ ବି ଚକରା ଜଣେ ପର ମଣିଷ। ପୁଣି ଜଣେ ଚାକରବାକର ଲୋକ, କେମିତି ବା ବାବୁଙ୍କ ଘରକଥାରେ ମୁଣ୍ଡ ଖେଳାଇପାରିବ। ମୋଟା ପାଉଣା ପାଉଛି ବୋଲି ନୁହଁ କାହିଁକି କେଜାଣି ଅବିନାଶ ବାବୁଙ୍କ ବାପାଙ୍କୁ ନିଜ ବାପା ପରି ମଣି ଚକରା ଉପଯୁକ୍ତ ସେବାଯତ୍ନ କରିବାରେ ଏଯାଏ କେବେ ହେଳା କରିନି।

ଶେଷ ସମୟରେ ପୁଅ ପାଇଁ ଝୁରିହୋଇ ବାପା ପଣିଆର କୋହକୁ ଛାତିତଳେ ଚପାଇ ରଖିଥିବା ଏହି ବାପା ମଣିଷର ନୀରବ କୋହକୁ ଚକରା ଅନୁଭବ କରିପାରେ। କିନ୍ତୁ ସେ ନିରୁପାୟ। ଜୋର୍ କରି ହେଉ କି ଅନୁରୋଧପୂର୍ବକ, ଅବିନାଶ ବାବୁଙ୍କୁ ଗାଁକୁ ଆସି ଥରୁଟେ ବାପାଙ୍କୁ ଦେଖା କରିବାକୁ କେବେ କହିପାରୁ ନ ଥିଲା। ପ୍ରତିଟି ସାକ୍ଷାତ୍‌ରେ ବାବୁ ଯେତେବେଳେ ପଚାରନ୍ତି, ସବୁ ଠିକ୍ ତ ! ଚକରା କ୍ଷିଣସ୍ୱରରେ ହୁଁ ଟେ ମାରିଦେଇ ଫେରିଆସେ ଗାଁକୁ। କିଛି କଥା ଓଠରୁ ପୁଣି ଫେରାଇ ନେଇ ଛାତିରେ ଚପାଇଦିଏ। କାରଣ ଏଭଳି ପରିସ୍ଥିତି ପାଇଁ ଅବିନାଶ ବାବୁଙ୍କୁ ସେ ସଂପୂର୍ଣ୍ଣ ଦୋଷୀ ମଣିପାରେନା। କେତେଥର ଅବିନାଶ ବାବୁ ବାପାଙ୍କୁ ସହରକୁ ନେଇ ନିଜ ପାଖରେ ରଖିବାକୁ ଇଚ୍ଛା ପ୍ରକାଶ କରିଥିଲେ ବି ବାପା ଜମାରୁ ରାଜି ହେଉ ନ ଥିଲେ ଗାଁ ଛାଡ଼ି ସହରରେ ରହିବାକୁ। ଚକରା ମଧ ବୃଦ୍ଧ ବାପାଙ୍କୁ ସହରରେ ଯାଇ ରହିବାକୁ କେତେଥର ବୁଝାଇଛି । କିନ୍ତୁ ପ୍ରତିଥର ଚକରାର କଥାକୁ ସେ ଏଡ଼ାଇ ଦିଅନ୍ତି । ଶେଷରେ ଚକରା ଚିଡ଼ିଯାଇ କୁହେ– ତା'ହେଲେ ତମେ ପୁଅ ପାଇଁ ଏମିତି ଝୁରି ମର। ବାବୁ କ'ଣ ଏତେବଡ଼ ସରକାରୀ ଚାକିରି ଛାଡ଼ି, ପିଲାଙ୍କ ପାଠପଢ଼ାକୁ ଫିଙ୍ଗିଫୋପାଡ଼ି ତମ ପାଇଁ ଗାଁରେ ଆସି ରହିବେ ନା କ'ଣ !!

ସେ ଯାହା ହେଉ ବୃଦ୍ଧ ବାପାଜଣକ ନିଜ ପୁଅକୁ ଅନେକ ଦିନ ପରେ ଚର୍ମଚକ୍ଷୁରେ ଦେଖି ଖୁସିରେ ଯେତିକି ବିଗଳିତ ହୋଇପଡୁଥିଲେ, ଚକରା ବି ବାପପୁଅଙ୍କ ଏହି ପ୍ରତୀକ୍ଷିତ ମିଳନରେ ବହୁଗୁଣା ଖୁସି ହୋଇପଡୁଥିଲା। ସେଦିନ ଚକରାର ଗୋଟିଏ ରକମର କାର୍ଯ୍ୟରୁ ଛୁଟି । କିଛି ବି କାର୍ଯ୍ୟ ଚକରାକୁ କରିବାକୁ ପଡ଼ି ନ ଥିଲା। ସ୍ୱୟଂ ଅବିନାଶ ବାବୁ ବୃଦ୍ଧବାପାଙ୍କ ସମସ୍ତ ସେବା କରିବା ସହ ଢେର୍ ଦିନ ସୁପ୍ତଥିବା ଆବେଗସବୁକୁ ଏକାବେଳକେ ଅଜାଡ଼ି ଦେଇ ତରଳି ଯାଉଥିଲେ ବାପାଙ୍କ ସମ୍ମୁଖରେ। ଏସବୁ ଦୃଶ୍ୟ ଚକରା ଅତି ଆଶ୍ଚର୍ଯ୍ୟଚକିତ ହୋଇ ଦେଖୁଥାଏ। ବାବୁଙ୍କ ହାବଭାବରେ ଅଚାନକ ଏମିତି ପରିବର୍ତ୍ତନ ଆସିବ ତା'ର ଆଦୌ ବିଶ୍ୱାସ ହେଉ ନ ଥାଏ । ଅତି ସନ୍ତର୍ପଣରେ ଖାଲି ବଲବଲ ହୋଇ ଦେଖିବା ଛଡ଼ା ସେ କିଛି ପଚାରିପାରୁ ନ ଥାଏ। ଗାଁରେ ଦୁଇଦିନ ରହି ଅବିନାଶ ବାବୁ ବାପାଙ୍କ ପାଇଁ ଢେର୍ ସମୟ ଦେଲେ। ଫେରିବାବେଳକୁ ଚକରାକୁ କହିଦେଇ ଗଲେ– ଏଣିକି ତୋତେ ସହରକୁ ଆସିବା ଦରକାର ନାହିଁ । ଏଣିକି ପ୍ରତି ସପ୍ତାହରେ ସମୟ ବାହାରକରି ମୁଁ ନିଜେ ଗାଁକୁ ଆସି ସମସ୍ତ ଆବଶ୍ୟକ ସାମଗ୍ରୀ ଦେଇଯିବି। ତୋ କାମ ବି ସହଜ ହୋଇଯିବ ଆଉ ବାପାଙ୍କ ସହ ମୋର ଭେଟ ବି। ଅବିନାଶ ବାବୁଙ୍କ ଏ କଥାରେ ଚକରା ଖୁବ୍ ଖୁସି ହୋଇପଡୁଥିବା ସହ ମନେମନେ ଭଗବାନଙ୍କୁ ଧନ୍ୟବାଦ ଜଣାଇଲା। ଯାହାହେଉ ବୃଦ୍ଧ ବାପା ଜଣକ ଶେଷ ସମୟତକ ଏଥର ଖୁସିରେ ଖୁସିରେ କାଟିଦେଇ ଯିବେ । ଚକରା ଟିକିଏ ସାହସ କରି କହିଲା –ବାବୁ! ଆପଣଙ୍କୁ ମଝିରେ ମଝିରେ ଗାଁକୁ ଆସି ବାପାଙ୍କୁ ଦେଖା କରିବାକୁ କହିଥାଆନ୍ତି। କିନ୍ତୁ ସାହସ ବଳେଇ ପାରୁ ନ ଥିଲି। ଯାହାହେଉ ଆପଣ ନିଜଆଡୁ ଏକଥା କହିଦେଇ ଗଲେ। ଅବିନାଶ ବାବୁ ଟିକିଏ ଭାବାତୁର ହୋଇ କହିଲେ– ଯେତେବେଳେ ତୋତେ ପଚାରିଛି ବାପାଙ୍କ ପାଇଁ ଆଉ କ'ଣ ଦରକାର, ତୁ ସବୁବେଳେ କହୁ ସବୁ ତ ଆପଣ ଦେଇଛନ୍ତି , ଆଉ କିଛି ଦରକାର ନାହିଁ। ହେଲେ କେବେ କହିନୁ ବାପାଙ୍କ ପାଇଁ ଏ ପୁଅଟିର ବି ଦରକାର ଅଛି ବୋଲି। ମୁଁ ବି ବୁଝିବା ଡେରି କରିଦେଇଛି । ଗତ ସପ୍ତାହରେ ବବୁଲୁ ଭଲ ଚାକିରି ଖଣ୍ଡେ ପାଇ ସହର ଛାଡ଼ି ଦୂର ଦେଶକୁ ଯେବେ ଗଲା, ସେତେବେଳେ ମୋ ପାଖରେ ସବୁ ଥାଇ ବି କିଛି ନ ଥିଲା ପରି ମନେହେଲା। ବବୁଲୁ ବିନା ଗୋଟିଏ ଦିନ କାଟିବା ଏ ବାପାଟି ପାଇଁ ଗୋଟିଏ ଯୁଗ ପରି ମନେହେଲା। ସେତେବେଳେ ବୁଝିଲି ମୋ ବିନା ବାପାଙ୍କ ଦିନ କେମିତି କଟୁଥିବ। ମୋତେ ନ ଦେଖି ବାପା କେମିତି ଝୁରି ହେଉଥିବେ । ବାପାଟେ ହୋଇପାରିଲେ ବାପର ବେଦନା ବୁଝିହୁଏ । ଏ ସବୁ କହିବାବେଳେ ଅବିନାଶ ବାବୁଙ୍କ ଜ୍ଞାନୋଦୟପୂର୍ବକ ଆଖିରୁ ନିଗଡ଼ି ପଡୁଥାଏ ଭାବାଶ୍ରୁ।

–ଗୋଡ଼ିଆବନ୍ଧ(ପଦ୍ମପୁର), ରାୟଗଡ଼ା
ମୋ: ୭୯୭୮୧୭୧୪୩୭

## ହଠାତ୍ ଗୋଟେ ସକାଳ


–ସୁବ୍ରତ କୁମାର ସେନାପତି

ସବୁ ସକାଳ ଏକାପରି ନ ଥାଏ
ତୁମ ହାତ ପାଆନ୍ତାରେ
ତଟକା ପନିପରିବା ଆଣି
ପହଞ୍ଚାଇ ଦେଉଥିବା ମଣିଷଟାର
ସାଇକେଲ ବେଲ୍ ହଠାତ୍ ଶୁଭେନା
ବଜାରର ଭିଡ଼ ଭିତରେ ତୁମେ ତାକୁ
ଖୋଜିଲା ବେଳକୁ
ପରିବା ପରି ସିଦ୍ଧ ହୋଇସାରିଥାଏ
ତା' ଦେହ।।

ସବୁ ସକାଳରେ ଫୁଲମାନେ
ହସନ୍ତି ନାହିଁ
ଅଦୃଶ୍ୟ ଖରାରେ ହୁଏତ
ଶୁଖି ଯାଇଥାଏ ସେମାନଙ୍କ ଲହୁ ଆଉ ଲୁହ
ଯାହା ତୁମେ କେବେ ଜାଣିପାରନାହିଁ
ଜାଣିଲା ବେଳକୁ ଅଦିନରେ
ମଉଳି ମଳିନ ହୋଇସାରିଥା'ନ୍ତି ସେମାନେ।।

ସବୁ ସକାଳରେ ବି
ତୁମ ସାରା ଦେହରେ
ପ୍ରଜାପତିମାନେ ଉଡ଼ି ବୁଲିବେ ନାହିଁ
ହୁଏତ ହଠାତ୍
କେଉଁ ଭୂଖଣ୍ଡରୁ ମାଂସାହାରୀ ପକ୍ଷୀଟିଏ ଆସି
ଟୁକୁଡ଼ା ଟୁକୁଡ଼ା କରିଦେବ ତୁମ ହାଡ଼
ଘଡ଼ିକେ ପରେ ଘଡ଼ିକେ
ଏଠି ପରା ବଦଳୁଥାଏ ଜୀବନର ମୋଡ଼।

–ଖାରବେଳ ହଷ୍ଟେଲ, ଓୟୁଏଟି,
ଭୁବନେଶ୍ୱର
ମୋ:୭୯୭୮୧୬୮୧୯୩




ରଜନୀକାନ୍ତ

# ଲାଲ୍ ସଲାମ

ଦକ୍ଷିଣ ଭାରତୀୟ ସିନେମାରେ ରଜନୀକାନ୍ତ କେତେ ଲୋକପ୍ରିୟ ତାହା କହିବା ଅନାବଶ୍ୟକ। ତାଙ୍କ ଅଭିନୀତ ଫିଲ୍ମ ଶୁଟିଂ ଆରମ୍ଭ ହେବା ସମୟରୁ ହିଁ ଆଲୋଚନାର ପରିସରକୁ ଆସିଥାଏ। ଏବେ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଛନ୍ତି ଏହି ବରିଷ୍ଠ ତଥା ବର୍ଷୀୟାନ ଅଭିନେତା। ଶୁଟିଂ ଚାଲିଥିବା ତାମିଲ ଫିଲ୍ମ 'ଲାଲ୍ ସଲାମ'ରେ ସେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କର ଚରିତ୍ରଟି ହେଲା ମୋଇଦିନ୍ ଭାଇ। ସବୁଠାରୁ ଖାସ୍ କଥା ହେଲା ଭାରତୀୟ କ୍ରିକେଟ ଜଗତର ଆଇକନ୍ କପିଳ ଦେବ ଏଥିରେ ଏକ ଗେଷ୍ଟ ରୋଲ୍‌ରେ ଦେଖାଦେବେ। ତେଣୁ ଏହି ଯୋଡିକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହେଲାଣି। ଏହି ଫିଲ୍ମର ଅନ୍ୟାନ୍ୟ ଭୂମିକାରେ ବିଷ୍ଣୁ ବିଶାଲ, ବିକ୍ରାନ୍ତ, ଜୀଭିତା, ଥାମ୍ବି ରାମିୟା ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟା ଧନୁଷ। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଏ. ଶଙ୍କରନ୍। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ବିଶିଷ୍ଟ ସ୍ୱର ସଂଯୋଜକ ଏ.ଆର. ରେହମାନ୍।

# ହୋମ୍‌ସିକ୍ ରଶ୍ମିକା

ରଶ୍ମିକା ମନ୍ଦାନା ଏବେ ହୋମ୍ ସିକ୍ ହୋଇପଡିଛନ୍ତି। ତେଲୁଗୁ ଫିଲ୍ମ 'ରେନ୍‌ବୋ'ର ଶୁଟିଂରୁ ବ୍ରେକ୍ ମିଳିବା ମାତ୍ରେ ସେ ସିଧା ଘର ମୁହାଁ ହୋଇଛନ୍ତି। ଏବେ ପାଖାପାଖି ଦୁଇ ସପ୍ତାହ ଶୁଟିଂ ବନ୍ଦ ରହିବ। ତେଣୁ ଏହି ସମୟକୁ ସେ ପରିବାର ସହ କଟାଇବାକୁ ଚାହୁଁଛନ୍ତି। ଏ ନେଇ ରଶ୍ମିକା କହନ୍ତି, 'ଗତ କିଛି ମାସ ହେବ ମୁଁ ପରିବାରଠାରୁ ଦୂରରେ ଥିଲି। ତେଣୁ ସେମାନଙ୍କ ସହ ସମୟ କଟାଇବାକୁ ଏବେ ମୁଁ ଘରକୁ ଆସିଛି। କାରଣ ପରିବାର ଲୋକଙ୍କ ସହ ରହିଲେ ଯେଉଁ ମଜା ତାହା ଆଉ କେଉଁଠି ମିଳି ନ ଥାଏ।' କେବଳ ସେତିକି ନୁହେଁ, ଫଟୋଗ୍ରାଫି ପ୍ରତି ତାଙ୍କର ମନ ଢ଼ଳିଛି। ସମୟ ମିଳିବା ମାତ୍ରେ ସେ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଉଛନ୍ତି। ତା'ସହ ଫଟୋଗୁଡିକୁ ମନଲାଖି କ୍ୟାପସନ ସହ ସେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରୁଛନ୍ତି। କନ୍ନଡ ଫିଲ୍ମ 'କିରିକ୍ ପାର୍ଟି'ରୁ ରଶ୍ମିକାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ସେ କନ୍ନଡ ଏବଂ ତେଲୁଗୁ ଫିଲ୍ମରେ ଅଭିନୟ କରିସାରିଲେଣି। ବିକାଶ ବହଲଙ୍କ 'ଗୁଡବାୟ'ରୁ ତାଙ୍କର ହିନ୍ଦି ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା। ହେଲେ ନିଜର ଡେବ୍ୟୁ ବଲିଉଡ୍ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା।


ରଶ୍ମିକା

# ହିଟଲର ଅବତାର

ଅଭିନେତା ଦୀପକ ଖୁବ୍ ଶୀଘ୍ର ହିଟଲର ଅବତାରରେ ବଡ ପରଦାରେ ଦେଖାଦେବେ। କଥା କ'ଣ କି ଏଭଳି ଟାଇଟଲକୁ ନେଇ ଚନ୍ଦନ ଫିଲ୍ମସ ବ୍ୟାନରରେ ଏକ ନୂଆ ଓଡ଼ିଆ ସିନେମା ପ୍ରସ୍ତୁତ ହେଉଛି। ଏ ନେଇ ଦୀପକ କହନ୍ତି, ''ମୋ ନୂଆ ଫିଲ୍ମ 'ହିଟଲର'ର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଏଥିରେ ଦର୍ଶକ ମୋତେ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ।'' ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଦୀପକଙ୍କ ବ୍ୟତୀତ ଅର୍ଲିନ, ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା, ସିଆଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଚଳିତ ବର୍ଷ ଜୁନ୍‌ରେ ରିଲିଜ ହେବାକୁ ଥିବା 'ହିଟଲର' ଫିଲ୍ମଟି ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କହନ୍ତି ଏହାର ପ୍ରଯୋଜକ।


ଦୀପକ

# ପ୍ରେମ ନୁହେଁ ବନ୍ଧୁତା

ସୈଫ ତନୟା ସାରାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି ? ସେ କୁଆଡେ ଏବେ ପ୍ରେମରେ ପଡିଯାଇଛନ୍ତି। ହେଲେ ଯେତେବେଳେ ଏହି କଥା ତାଙ୍କ କାନରେ ବାଜିଲା ସେ ଆଉ ଚୁପ୍ ହୋଇ ବସି ରହିପାରିଲେ ନାହିଁ। ଶେଷରେ ବାଧ୍ୟ ହୋଇ ନୀରବତା ଭାଙ୍ଗିଛନ୍ତି ସାରା ଅଲ୍ଲୀ ଖାଁ। ଏପରି ଆଲୋଚନାକୁ ନେଇ ସେ କହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ ଆଦୌ ସତ୍ୟତା ନାହିଁ। ନିଶ୍ଚୟ ମୋତେ ବଦନାମ କରିବାକୁ କିଛି ବ୍ୟକ୍ତି ଏପରି ଅପପ୍ରଚାର ଚଳାଇଛନ୍ତି। ଯାହାଙ୍କ ସହ ମୋ ନାମକୁ ଯୋଡାଯାଉଛି ସେ ମୋର ପ୍ରେମିକ ନୁହନ୍ତି ମୋ ବନ୍ଧୁ। ନିକଟରେ ମୁଁ ସାଇନ୍ କରିଥିବା ନୂଆ ସିନେମାର ସେ ସହ-ପ୍ରଯୋଜକ ଅଛନ୍ତି। ଆଉ ତାଙ୍କ ସହିତ କେବଳ ମୋର ବନ୍ଧୁତା ରହିଛି। ଏହାକୁ ଅନ୍ୟ ଅର୍ଥରେ ଦେଖିବା ଆଦୌ ଠିକ୍ ନୁହେଁ। ଏବେ ମୋର ପ୍ରେମ କରିବାକୁ ସମୟ ନାହିଁ। କାରଣ ବର୍ତ୍ତମାନ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି।' ତେବେ ସାରାଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।


ସାରା

# ଡରକୁଳୀ ସାନ୍ୟା

'ଦଙ୍ଗଲ' ଫେମ୍ ସାନ୍ୟା ମଲହୋତ୍ରା ଗୋଟିଏ ଜିନିଷ ଦେଖିବା ମାତ୍ରେ ତାଙ୍କ ମନରେ ଛନକା ପଶିଯାଏ। ତାହା କ'ଣ ଜାଣନ୍ତି ? ନିଜ ଛାଇ। କେବଳ ନିଜ ଛାଇ ନୁହେଁ, ବେଳେବେଳେ ଅନ୍ୟ କାହାର ଛାଇ ଦେଖିଲେ ବି ସେ ଚମକି ପଡନ୍ତି। ଏକଦା ଶୁଟିଂ ସେଟ୍‌ରେ ଏ ନେଇ ତାଙ୍କୁ ହଇରାଣ ହେବାକୁ ପଡିଥିଲା। କଥା କ'ଣ କି, ଲେଟ୍ ନାଇଟ୍‌ରେ ଏକ ଶଟ୍ ନିଆଯାଉଥାଏ। ଶଟ୍ ଦେବାକୁ ଯିବା ସମୟରେ ସେ ଟିକେ ପଛକୁ ଚାହିଁଦେଲେ। ବାସ୍, ତା'ପରେ ତାଙ୍କ ଅବସ୍ଥା ନ କହିବା ଭଲ। ହସି ହସି ଯାଉଥିବା ସାନ୍ୟା ହଠାତ୍ ଚିତ୍କାର କରି ଉଠିଲେ। କ'ଣ ହେଲା ବୋଲି ଜାଣିବାକୁ ୟୁନିଟର ସମସ୍ତ ସଦସ୍ୟ ସେଠାରେ ପହଞ୍ଚିଗଲେ। ଆଉ ଯେତେବେଳେ ଜାଣିଲେ ଯେ ସେ ନିଜ ଛାଇକୁ ଦେଖି ଡରିଗଲେ, ସେତେବେଳେ ସେଠାରେ ଏକ ହାସ୍ୟ ପରିବେଶ ସୃଷ୍ଟି ହୋଇଥିଲା। ଏ ନେଇ ସାନ୍ୟା କହନ୍ତି, 'ସେଦିନ ମୁଁ ଶଟ୍ ଦେବାକୁ ଯିବା ସମୟରେ ପଛକୁ ଚାହିଁଦେଲି। ଆଉ ତା'ପରେ ମୋ ମନରେ ଏଭଳି ଭୟ ସୃଷ୍ଟି ହେଲା ଯେ ମୁଁ ଜୋର୍‌ରେ ଚିତ୍କାର କରିଉଠିଲି। ଏଥିପାଇଁ କିଛି ସମୟ ଶୁଟିଂ ବନ୍ଦ ରହିଥିଲା। ମୁଁ ସାଧାରଣ ଅବସ୍ଥାକୁ ଆସିବା ପରେ ଶଟ୍ ଦେଇଥିଲି।' ସାନ୍ୟାଙ୍କ ଅଭିନୀତ ଆଗାମୀ ଫିଲ୍ମଟି ହେଉଛି 'ଜୱାନ', ଯାହାର ଟାଇଟଲ ଭୂମିକାରେ ଶାହରୁଖ ଖାଁ ଅଭିନୟ କରିଛନ୍ତି।


ସାନ୍ୟା

# ଡାୟନା ଯାହା ଚାହୁଁଥିଲେ...

ମନଲାଖି ଜିନିଷଟିଏ ମିଳିବା ଏତେ ସହଜ କଥା ନୁହେଁ। ପୁଣି ବେଳେବେଳେ ତାହା ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ଯେଉଁଭଳି ଏକ ଭୂମିକାକୁ ସେ ବର୍ଷ ବର୍ଷ ଧରି ଚାହିଁ ବସିଥିଲେ ତାହା କେମିତି ତାଙ୍କୁ ମିଳିଯାଇଛି। ହଁ, ସେହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ଡାୟନା ପେଣ୍ଟି। ସମାଜ ସେବା ଉପରେ ନିର୍ମିତ ହେବାକୁ ଯାଉଥିବା ଏକ ଫିଲ୍ମରେ ସେ ଅଭିନୟ କରିବେ। ଏଭଳି ଏକ ସୁଯୋଗ ସମ୍ପର୍କରେ ସେ କହନ୍ତି, 'ଜଣେ ଗାଁଉଲି ନାରୀର ଜୀବନୀକୁ ନେଇ କାହାଣୀ ଆଗେଇଛି। ସମାଜସେବା ବିଷୟରେ ଜାଣିବା ପରେ ସେ କ୍ଷେତ୍ରରେ ନିଜ ଦକ୍ଷତା ଦେଖାଇବାକୁ ଆଗଉଛି। ହେଲେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବା ବେଳେ ତାକୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଶେଷରେ ନାରୀ ଜଣକ ନିଜ ଆଶାକୁ ପୂରଣ କରିପାରୁଛି କି ନାହିଁ ତାହା ସିନେମା ଦେଖିଲେ ହିଁ ଜାଣିପାରିବେ।' ଏହାର ଟାଇଟଲ ଫାଇନାଲ ହୋଇନାହିଁ, ହେଲେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। କେବଳ ସେତିକି ନୁହେଁ, ଅଜୟ ଦେବଗନଙ୍କ ଆଗାମୀ ଅନଟାଇଟଲଡ୍ ପ୍ରୋଜେକ୍ଟରେ ଡାୟନା ଅଭିନୟ କରିବେ। ଏଥିରେ ଅଜୟଙ୍କ ଭଣଜା ଅମନ ଦେବଗନ ନାୟକ ସାଜୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ସେୟାର କରିବେ ରବିନା ଟଣ୍ଡନଙ୍କ ଝିଅ ରାସା।


ଡାୟନା

## ପ୍ରଥମ ରୋଜଗାର

# ବାପା ସାଇତି ରଖିଛନ୍ତି ମୋ ପ୍ରଥମ ଦରମା



ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ନୌସେନା କର୍ମଚାରୀ ବୀରେନ୍ଦ୍ର କୁମାର ସାହୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର କନ୍ଦରସିଂହା ଗାଁରେ ମୋ ଜନ୍ମ। ବାପା ଥିଲେ ଜଣେ କୃଷକ। ନିଜର ଜମିବାଡ଼ି ଥିବାରୁ ମୂଲିଆ, ମଜୁରିଆ ଲଗାଇ ବର୍ଷସାରା ସବୁ ପ୍ରକାର ଫସଲ ଆମଦାନି କରୁଥିଲେ। ବାପାଙ୍କୁ ସାହାଯ୍ୟ କରିବାକୁ ଆମେ ତିନି ଭାଇ ବି ସ୍କୁଲରୁ ଫେରି ଚାଷ କାମରେ ଲାଗିଯାଉଥିଲୁ। କିନ୍ତୁ ସତ କହିବି ମୋତେ ଏସବୁ କାମ କରିବାକୁ ଆଦୌ ଭଲ ଲାଗୁ ନଥିଲା। କାରଣ ସେତେବେଳେ ମୋର ଇଚ୍ଛା ହେଉଥିଲା, ଖେଳକୁଦ ସହିତ ଅଧିକରୁ ଅଧିକ ସମୟ ବହି ସଙ୍ଗେ ବିତାଇବା ପାଇଁ। ହେଲେ ଯେହେତୁ ଆମ ସମସ୍ତଙ୍କ ଖର୍ଚ୍ଚ ତୁଲାଇବାକୁ କୃଷି ହିଁ ଏକମାତ୍ର ପନ୍ଥା ଥିଲା, ତେଣୁ ଏସବୁ କାମ ବାଧହୋଇ କରୁଥିଲି। କିନ୍ତୁ ପାଠପଢ଼ାର ଆଗ୍ରହ କମି ନଥିଲା। ଯେତେ କାମ କଲେ ବି ବହି ପାଠ ଯେପରି ହେଲେ ସାରୁଥିଲି। ପଞ୍ଚମ ଶ୍ରେଣୀ ବାର୍ଷିକ ପରୀକ୍ଷା ପରେ ନବୋଦୟ ବିଦ୍ୟାଳୟର ଏଣ୍ଟ୍ରାନ୍ସରେ ପାସ୍ କଲି। ଯଦ୍ଦ୍ୱାରା ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ରେଙ୍ଗାଳି ନବୋଦୟ ବିଦ୍ୟାଳୟରେ ଅଧ୍ୟୟନ କଲି। ତା'ପରେ ଢେଙ୍କାନାଳ ଅଟୋନୋମସ୍ କଲେଜରେ ଫିଜିକ୍ସ ଅନର୍ସରେ ବି.ଏସ୍‌ସି. ପଢିଲି। ବି.ଏସ୍‌ସି. ପଢ଼ା ସାଙ୍ଗକୁ ଭାରତୀୟ ନୌସେନା ପାଇଁ ବି ପଢ଼ାପଢ଼ି କରୁଥିଲି। ଥରେ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରୁ ନୌସେନା ପରୀକ୍ଷା ପାଇଁ ଇଣ୍ଟରଭ୍ୟୁ ବାହାରି ଥିବାର ଦେଖି ମୁଁ ଓ ମୋର କେତେଜଣ ସାଙ୍ଗ ଫର୍ମ ଫିଲପ୍ କରି ପକାଇଦେଲୁ। ଇଣ୍ଟରଭ୍ୟୁ ପାଇଁ ଡାକରା ଆସିବାରୁ ଘର ଲୋକଙ୍କ ଅଜାଣତରେ ହଷ୍ଟେଲରୁ ଚିଲିକା ଯାଇ ଲିଖିତ ଓ ଶାରୀରିକ ପରୀକ୍ଷା ଦେଇ ଆସିଲୁ। ସୌଭାଗ୍ୟକୁ ମୋର ସେଥିରେ ଚୟନ ହୋଇଗଲା। କିଛିଦିନ ପରେ କଲ୍ ଲେଟର୍ ଆସିଲା। ଘରେ ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହେବା ସହିତ ଖୁସି ବି ହେଲେ। ମୋର ମଧ୍ୟ ସେଦିନ ଖୁସିର ସୀମା ନ ଥିଲା। କାରଣ ଦେଶମାତୃକାର ସେବା ସହିତ ମୋର ଏବଂ ମୋ ପରିବାରର ଖର୍ଚ୍ଚ ବହନ କରିବାକୁ ଏହା ଗୋଟିଏ ଅପୂର୍ବ ସୁଯୋଗ ଥିଲା। ଭାରତୀୟ ନୌସେନାରେ ମୋର ପ୍ରଥମ ଦରମା ଥିଲା ୩୦୦୦ ଟଙ୍କା। ଯେହେତୁ ଆମେ ଟ୍ରେନିଂ ପିରିୟଡ୍‌ରେ ଥିଲୁ ସେଥିପାଇଁ ଆମକୁ ପ୍ରତିମାସ ଜରୁରୀ ଖର୍ଚ୍ଚ ଲାଗି ମାତ୍ର ୨୦୦ ଟଙ୍କା ଦିଆଯାଉଥିଲା। ବାକି ଟଙ୍କା କାଟି ରଖାଯାଉଥିଲା ; ଯାହାକୁ ଟ୍ରେନିଂ ସରିବା ପରେ ଏକକାଳୀନ ମିଳିଥିଲା। ତେବେ ପାରିଶ୍ରମିକ ଭାବେ ପ୍ରଥମେ ଯେଉଁ ୨୦୦ ଟଙ୍କା ହାତରେ ଧରିଥିଲି, ତାକୁ ହିଁ ଜୀବନର ପ୍ରଥମ ରୋଜଗାର ଭାବି ଖର୍ଚ୍ଚ ନ କରି ଘରକୁ ପୋଷ୍ଟରେ ପଠାଇ ଦେଇଥିଲି। ବାପା ସେଥିରୁ ଶହେଟଙ୍କାର ଭୋଗ କିଣି ଠାକୁରଙ୍କ ପାଖେ ପୂଜାକରି ସାହିରେ ସମସ୍ତଙ୍କୁ ବାଣ୍ଟିଥିଲେ। ବାକି ଶହେ ଟଙ୍କାକୁ ସିଏ ଆଜିଯାଏ ନିଜ ସୁଟ୍‌କେଶ୍‌ରେ ସାଇତି ରଖିଛନ୍ତି ; ଆଉ ସୁଯୋଗ ମିଳିଲେ ମୋ ଝିଅମାନଙ୍କୁ ତାହା ଦେଖାଇ କହୁଛନ୍ତି 'ଦେଖ ତୁମ ବାପାର ପ୍ରଥମ ରୋଜଗାରକୁ ଏବେ ବି ମୁଁ କେମିତି ସାଇତି ରଖିଛି।' ସତରେ ବାପାଙ୍କର ମୋ ପ୍ରତି ଥିବା ସେହି ଆଶୀର୍ବାଦ ପାଇଁ ଦୀର୍ଘ ୨୦ ବର୍ଷ ଭାରତୀୟ ନୌସେନାରେ ଏୟାରକ୍ରାଫ୍ଟ ମେକାନିକ୍(ଇଲେକ୍ଟ୍ରିକାଲ୍)ଭାବେ କାମକରି ସେଥିରୁ ଅବସର ନେବା ପରେ ଏବେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ କ୍ୟାଶିୟର ଭାବେ କାର୍ଯ୍ୟରତ। ବିଭିନ୍ନ ପ୍ରକାର ବହି ପଢ଼ିବାରେ ମୋର ରୁଚି ରହିଛି। ଗରିବ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ବି ମୁଁ ଭଲପାଏ। ନିଜ ଗାଁ ତଥା ଗାଁ ମନ୍ଦିରଗୁଡ଼ିକର କିପରି ଉନ୍ନତି ହେବ ସେ ଚେଷ୍ଟାରେ ବି ସବୁବେଳେ ଲାଗିଥାଏ ; ସେଥିପାଇଁ ମୋତେ ଆମ ଗାଁ ଲୋକେ ଢେର ଆଦର କରନ୍ତି।

# ଅଳପ ଖରାକୁ ଅସରାଏ ବର୍ଷା, ସୋନିକୁ ପ୍ରେମ କଲେ ମୁନି କରେ ଈର୍ଷା




**ପ୍ରଶ୍ନ**—ମୋତେ ଏକାଥରେ ଦୁଇ ଜଣ ଝିଅ ଭଲ ପାଉଛନ୍ତି। ମୁଁ ମଧ୍ୟ ଦୁହିଁଙ୍କୁ ମନ ପ୍ରାଣ ଦେଇ ଭଲ ପାଉଛି। ହେଲେ ମୁଁ କାହା ସହ ଘର ସଂସାର କରିବି ଜାଣିପାରୁନାହିଁ। କ'ଣ କରିବି ?

*–ଜୟନ୍ତ, ବଲାଙ୍ଗୀର*

**ଉତ୍ତର:** ଯାହାହେଉ ଆପଣ ପ୍ରେମରେ ଫୁଲ୍ ବାଲାନ୍ସ କରି ଚାଲିଛନ୍ତି। ଏକାଥରେ ଦୁଇ ଜଣ ଝିଅଙ୍କୁ ପ୍ରେମିକା ଭାବରେ ପାଇଛନ୍ତି, ପୁଣି ଆପଣଙ୍କ ଲଭ୍ ଟ୍ରେନ୍ ସର୍ ସର୍ ହୋଇ ଟ୍ରାକ୍‌ରେ ଗଡିଚାଲିଛି। ହେଲେ ଅଧା ବାଟରେ ଆପଣଙ୍କର ଜ୍ଞାନ ଉଦୟ ହୋଇଛି। ଏବେ କାହାକୁ ନେଇ ଘର କରିବେ। 'ଅଳପ ଖରାକୁ ଅସରାଏ ବର୍ଷା, ସୋନିକୁ ପ୍ରେମ କଲେ ମୁନି କରେ ଈର୍ଷା।' ଦୁଇ ନାଆରେ ଗୋଡ ଦେଲେ ପ୍ରେମ କେତେ ସକସେସ୍ ହୁଏ ତାହା ପ୍ରଥମେ ଭାବିବାର ଥିଲା। ଦୁଇ ଜଣଙ୍କ ଭିତରୁ ଜଣକୁ ତ ପତ୍ନୀ ଭାବରେ ଗ୍ରହଣ କରିବେ। ତେବେ କାହାକୁ ଚଏସ୍ କରିବେ ଆଉ କାହାକୁ ଗୁଡବାୟ କରିବେ ତାହା ବଡ କଥା। ବାସ୍ ଥଣ୍ଡା ମିଜାସରେ ଡିସିସନ୍ ନିଅନ୍ତୁ। ଯେମିତି ହେଲେ ଗୋଟିଏ ପଟକୁ ଆଉଜି ପ୍ରେମ କରନ୍ତୁ। ନ ହେଲେ ଏପରି ନିଷ୍ପତ୍ତିର ବୁଢ଼ିଆଣୀ ଜାଲରେ ଏମିତି ଛନ୍ଦି ହୋଇ ସେଥିରୁ ମୁକୁଳିବାର ବାଟ ଖୋଜୁଥିବେ।

**ପ୍ରଶ୍ନ**—ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ ମୋତେ ପ୍ରକୃତରେ ଭଲ ପାଉଛି ତ ?

*–ପ୍ରଶାନ୍ତ କୁମାର, ବଡବିଲ*

**ଉତ୍ତର:** କଥାରେ ଅଛି–ଜୋ ହସି ଓ୍ୱ ଫସି। ହେଲେ ତାହାର ସେହି ହସ ଭିତରେ ପ୍ରେମର ପହିଲି ପୁଲକ ଲୁଚି ରହିଛି। କଥାରେ ପରା ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା! ସେହି ସୁନ୍ଦରୀର ଚାହାଣୀ ଏବଂ ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ନିଶ୍ଚୟ ଲୁଚି ରହିଛି।

**ପ୍ରଶ୍ନ**—ଜଣେ ସୁନ୍ଦରୀ ସହ ବଜାରରେ ଭେଟ ହେବା ପରେ ତା' ପ୍ରେମ ଜାଲରେ ମୁଁ ବାନ୍ଧି ହୋଇଯାଇଛି। ହେଲେ ମୋ ମନର କଥା ତାକୁ କହି ପାରୁନାହିଁ। କ'ଣ କରିବି ?

*–ବିକ୍ରାନ୍ତ କୁମାର, ରାଉରକେଲା*

**ଉତ୍ତର:** ମନର କଥାକୁ ଯଦି ମନ ଭିତରେ ଚାପି ରଖି ଆଗେଇବେ ତେବେ ପ୍ରେମ କେମିତି କରିବେ। ପ୍ରଥମେ ନିଜ ମନର ଦ୍ୱାରକୁ ଖୋଲି ତା' ଭିତରେ ଷ୍ଟକ୍ ଥିବା ସବୁ କଥାକୁ ସମୟ ସୁବିଧା ଦେଖି ସେହି ସୁନ୍ଦରୀ ସାମନାରେ ଓଗାଳି ପକାନ୍ତୁ। ଯଦି ଆପଣ ମାରିଥିବା ତୀର ତା' ହୃଦୟର ଠିକ୍ ଜାଗାରେ ବାଜିଲା ତେବେ ଧରି ନିଅନ୍ତୁ ଆପଣଙ୍କର ଲଭ୍ ମିଶନ ସକସେସ୍ ହୋଇଗଲା। ଆଉ ଯଦି ମନର କଥାକୁ ଏମିତି ମନରେ ଲୁଚାଇ ରଖିଲେ ତେବେ କେବଳ ମରିଚିକା ପଛରେ ଧାଇଁବା ହିଁ ସାର।

**ପ୍ରଶ୍ନ**—ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏ ନେଇ ମୋ ମନରୁ ଦ୍ୱନ୍ଦ ଦୂର କରିବେ କି ?

*–ଅନିକେତ ରାଉତ, କଟକ*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

# କାର୍ଗୋ ପ୍ୟାଣ୍ଟ ଫ୍ୟାଶନ





**କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ଦେଖିବାକୁ ସେମିତି ଆକର୍ଷଣୀୟ ହୋଇଥାଏ। ତା'ଛଡ଼ା ଏହା ଟାଇଟ୍ ଫିଟିଂ ନ ହୋଇଥିବାରୁ ଖରାଦିନେ ବି ଏହାକୁ ଆରାମରେ ପିନ୍ଧିହୁଏ। କୁଲ୍ ଫ୍ୟାଶନେବଲ୍ ଲୁକ୍ ଦେଉଥିବା ଏହି କାର୍ଗୋ ପ୍ୟାଣ୍ଟର ଫ୍ୟାଶନ କେବେ ଆଉଟ୍‌ଡେଟେଡ୍ ହୁଏ ନାହିଁ। ସବୁଠୁ ବଡ଼ କଥା ହେଉଛି, ଏହି ପ୍ୟାଣ୍ଟକୁ ଉଭୟ ପୁରୁଷ ଓ ମହିଳା ବେଶ୍ ଆରାମରେ ପିନ୍ଧିପାରିବେ। ଜାଣନ୍ତୁ କାର୍ଗୋ ପ୍ୟାଣ୍ଟର କେତୋଟି ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...**

✽ **ତିନି ପ୍ରକାରର କାର୍ଗୋ ପ୍ୟାଣ୍ଟ:** କ୍ଲାସିକ୍ ୟୁଟିଲିଟି ପ୍ୟାଣ୍ଟ, କାର୍ଗୋ ଜୋଗର୍ସ, ସ୍କିନି କମ୍‌ବାଟ୍ ଟ୍ରାଉଜର୍ସ ହେଉଛି କାର୍ଗୋ ପ୍ୟାଣ୍ଟର ତିନୋଟି ମୁଖ୍ୟ ଭେରାଇଟି। ବର୍ତ୍ତମାନ ଯୁବପିଢିଙ୍କ ଭିତରେ ଏହି ଟାଇପ୍ସର କାର୍ଗୋ ପ୍ୟାଣ୍ଟକୁ ନେଇ ବେଶ୍ ଡିମାଣ୍ଡ ରହିଛି।

✽ **ସ୍ଲିମ୍ ଓ ଷ୍ଟ୍ରେଟ୍ କଟ୍:** କାର୍ଗୋ ପ୍ୟାଣ୍ଟଗୁଡ଼ିକ ସାଧାରଣତଃ ଢିଲା ପାର୍ଟନରେ ଆସିଥାଏ। ତଥାପି ସ୍ଲିମ୍ ଓ ଷ୍ଟ୍ରେଟ୍ କଟ୍ ଡିଜାଇନ୍‌ରେ ଆସୁଥିବା କାର୍ଗୋ ପ୍ୟାଣ୍ଟଗୁଡ଼ିକ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ଲାଗିଥାଏ। କେହି କେହି ତ ଓଭର୍ ସାଇଜ୍ କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ବି ପସନ୍ଦ କରିଥାନ୍ତି। ତେବେ ଯାହାବି ପିନ୍ଧନ୍ତୁ, ତାହା ଯେମିତି ଆପଣଙ୍କ ହାଇଟ୍ ଓ ପର୍ସନାଲିଟିକୁ ସୁଟ୍ କରୁଥିବ, ସେଥିପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ।

✽**ଫ୍ୟାବ୍ରିକ୍ କେମିତି ହେବା ଦରକାର:** ଅନ୍ୟସବୁ ଫ୍ୟାବ୍ରିକ୍ ତୁଳନାରେ କଟନ୍ କପଡ଼ାରେ ତିଆରି କାର୍ଗୋ ପ୍ୟାଣ୍ଟ ଦେଖିବାକୁ ଯେମିତି ସୁନ୍ଦର ଲାଗେ ପିନ୍ଧିବାକୁ ସେମିତି କମ୍ଫର୍ଟେବଲ୍ ହୋଇଥାଏ।

✽ **ଟି-ଶାର୍ଟ ସହିତ ମ୍ୟାଚିଂ:** ଏହି ପ୍ୟାଣ୍ଟ ସାଙ୍ଗକୁ ଶାର୍ଟ ତୁଳନାରେ ଟି-ଶାର୍ଟ ବହୁତ ଭଲ ମାନିଥାଏ। ବିଶେଷକରି ଟର୍ଟଲ୍ ନେକ୍ ତଥା ଚଙ୍କି କ୍ରିଉ ନେକ୍ ବାଲା ଟି-ଶାର୍ଟ ଅଧିକ ଫ୍ୟାଶନେବଲ୍ ଲାଗିଥାଏ।

✽ **ପ୍ରିଣ୍ଟେଡ୍ କାର୍ଗୋ ପ୍ୟାଣ୍ଟ:** ଯୁବପିଢିଙ୍କ ଗହଣରେ ଏହି ପ୍ୟାଣ୍ଟର ବି ଭଲ ଚାହିଦା ରହିଥାଏ। ସବୁଠୁ ବଡ଼ କଥା ହେଉଛି ପ୍ରିଣ୍ଟେଡ୍ କାର୍ଗୋ ପ୍ୟାଣ୍ଟ ସହିତ ଯେ କୌଣସି ରଙ୍ଗ ହେଉ ଅବା ପାର୍ଟନର ଶାର୍ଟ ଆରାମରେ ପିନ୍ଧିହୁଏ।

✽ **ଫର୍ମାଲ୍ ଲୁକ୍ ବି ଦିଏ:** ସାଙ୍ଗସାଥୀଙ୍କ ସହ ଗେଟ୍ ଟୁଗେଦର୍ ହେଉ ଅବା ଆଉଟିଂରେ ଗଲାବେଳେ ଅନେକେ କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ତେବେ କାର୍ଗୋ ପ୍ୟାଣ୍ଟ ଯେ କେବଳ କାଜୁଆଲ୍ ଲୁକ୍ ପାଇଁ ଫିଟ୍ ତାହା ନୁହେଁ ଏହାକୁ ଅଫିସିଆଲି ମଧ୍ୟ କ୍ୟାରି କରିହେବ। ଏଥିପାଇଁ କେବଳ ଖାକି ରଙ୍ଗର କାର୍ଗୋ ପ୍ୟାଣ୍ଟଟିଏ ଦରକାର। ଏହି ପ୍ୟାଣ୍ଟ ସାଙ୍ଗକୁ ଧଳା ରଙ୍ଗର ଶାର୍ଟ ଓ କୋଟ୍, ତା'ସାଙ୍ଗକୁ ଘଣ୍ଟା ଓ ବେଲ୍ଟ ପିନ୍ଧିଦେଲେ ଆରାମରେ ଫର୍ମାଲ୍ ଲୁକ୍ ମିଳିଯିବ।

✽ **ସ୍ନିକର୍ସ:** କାଜୁଆଲ୍ ଲୁକ୍ ପାଇଁ କାର୍ଗୋ ପ୍ୟାଣ୍ଟ ସହିତ ସ୍ନିକର୍ସ ବହୁତ ଭଲ ଲାଗିଥାଏ। ତେବେ ଷ୍ଟାଇଲିଶ୍ ଲୁକ୍ ପାଇଁ କେହି କେହି ଏହା ସହିତ ସୁଜ୍ ହେଉ ଅବା ହିଲ୍ ବି ପିନ୍ଧିଥାନ୍ତି।



## ସୂଚନା
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସୋନାଲୀ

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ ଫଟୋଗ୍ରାଫି

# ହାଃ ହାଃ

## ଛାଡପତ୍ର
ଓକିଲଙ୍କୁ ମହିଳା: ମୁଁ ମୋ ପୂର୍ବ ସ୍ୱାମୀଙ୍କ ସହ ଆଉଥରେ ବିବାହ କରିବାକୁ ଚାହୁଁଛି।
ଓକିଲ: ଏଇ ଆଠଦିନ ପୂର୍ବେ ତ ଆପଣ ଛାଡପତ୍ର ନେଇଥିଲେ। ପୁଣିଥରେ ବିବାହ କରିବେ କାହିଁକି?
ମହିଳା: ମୁଁ ଦେଖୁଛି ଛାଡପତ୍ର ପରେ ସେ ବହୁତ ଖୁସିରେ ଅଛନ୍ତି। ଯୋଉଟା କି ମୁଁ ସହି ପାରୁନି।


## ଲକ୍ଷ୍ୟ
ସ୍ୱାମୀ: ମୁଁ ମୋ ସ୍ତ୍ରୀକୁ ଛାଡ଼ପତ୍ର ଦେବାକୁ ଚାହେଁ।
ଜଜ୍: କାହିଁକି?
ସ୍ୱାମୀ: ସେ ରାଗିଗଲେ ମତେ ବାସନ ଫିଙ୍ଗିକି ମାରେ।
ଜଜ୍: ଏବେ ମାରୁଛନ୍ତି ନା ଆଗରୁ ମାରି ଆସୁଛନ୍ତି?
ସ୍ୱାମୀ: ଦୀର୍ଘ ୭ ବର୍ଷ ହେବ।
ଜଜ୍: ତେବେ ଏତେଦିନ ପରେ କାହିଁକି ଛାଡପତ୍ର ମାଗୁଛ?
ସ୍ୱାମୀ: କାହିଁକି ନା ଏବେ ତା'ର ଲକ୍ଷ୍ୟ ପକ୍କା ହେଇଯାଇଛି।

## ଆକ୍ସିଡେଣ୍ଟ
ରାସ୍ତାର ଏକ ସ୍ଥାନରେ ବହୁତ ଗହଳି ହୋଇଥାଏ। ଏହା ଦେଖି ଗୋପାଳ: କାହାର ବୋଧେ ଆକ୍ସିଡେଣ୍ଟ ହେଇଛି। ଯାଏ ଟିକେ ଦେଖିବା ସେ କିଏ?
ଗୋପାଳ ଗହଳି ଭିତରେ ଯେତେ ଚେଷ୍ଟା କଲେ ବି ପଶି ପାରିଲା ନାହିଁ। ଶେଷରେ ଏକ ପ୍ଲାନ କରି କହିଲା: ଦୟା କରି ରାସ୍ତା ଛାଡ। ମତେ ଟିକେ ଭିତରକୁ ଯିବାକୁ ଦିଅ। ଯିଏ ମରିଛି ସେ ମୋ ପୁଅ।
ଶେଷରେ ଭିତରକୁ ପଶି ଦେଖିଲା- ଏକ ଗଧ ମରି ପଡିଛି।



# ଗର୍ଜିୟା ଦେବୀ ମନ୍ଦିର

**ପବିତ୍ର ଗର୍ଜିୟା ଦେବୀ ମନ୍ଦିର ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଅବସ୍ଥିତ। ମାତା ପାର୍ବତୀଙ୍କର ଏକ ସ୍ୱରୂପ କୁହାଯାଉଥିବା ମାତା ଗର୍ଜିୟାଙ୍କର ଏହି ମନ୍ଦିରକୁ ଏକ ଶକ୍ତିସ୍ଥଳ କହିଲେ ମଧ୍ୟ ଭୁଲ୍ ହେବନାହିଁ...**



ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ରାମନଗରଠାରେ ରହିଛି ଗର୍ଜିୟା ନାମକ ଏକ ଗାଁ। ଏହି ଗାଁରେ ଅଛି ଏକ ଶକ୍ତିସ୍ଥଳ, ଯାହାର ନାଁ ହେଉଛି ଗର୍ଜିୟା ଦେବୀ ମନ୍ଦିର। ଉକ୍ତ ଗାଁ ନିକଟ ଦେଇ ପ୍ରବାହିତ ହେଉଛି କୋସି ନାମକ ଏକ ନଦୀ। ଏହି ନଦୀ କୂଳରେ ଥିବା ଏକ ପାହାଡ଼ ଉପରେ ରହିଛି ମା' ଗର୍ଜିୟାଙ୍କର ଉକ୍ତ ମନ୍ଦିରଟି। ଏଠାରେ ପୂଜା ପାଉଥିବା ମାତା ଗର୍ଜିୟା ହେଉଛନ୍ତି ଖୁବ୍ ପ୍ରତ୍ୟକ୍ଷା। ଭକ୍ତଟିଏ ମନୋସ୍କାମନା କରି ନିଷ୍ଠାର ସହ ମା'ଙ୍କୁ ଆବାହନ କଲେ ମା' ତା'ର ଗୁହାରି ଶୁଣିଥାନ୍ତି ବୋଲି ସ୍ଥାନୀୟ ଲୋକଙ୍କର ଖୁବ୍ ବିଶ୍ୱାସ ରହିଛି। ସେଥିପାଇଁ ପ୍ରାୟତଃ ଏଠାରେ ଭକ୍ତଙ୍କର ଗହଳି ଦେଖିବାକୁ ମିଳେ।

### ମନ୍ଦିରକୁ ନେଇ ଲୋକକଥା

ସ୍ଥାନୀୟ ଲୋକଙ୍କ ମତାନୁସାରେ, ଥରେ କୋସି ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ମାତା ଗର୍ଜିୟାଙ୍କର ପ୍ରତିମା କେଉଁଆଡ୍ରୁ ଭାସି ଆସି ଏହି ସ୍ଥାନରେ ଲାଗିଥିଲା। ଏହାର କିଛିଦିନ ପରେ ଉକ୍ତ ସ୍ଥାନରୁ ସିଂହଙ୍କର ଗର୍ଜନ କରିବାର ଶବ୍ଦ ଶୁଭାଗଲା। କାରଣ ଏହି ମନ୍ଦିରଠାରୁ ମାତ୍ର ୭-୮ କି.ମି ଦୂରରେ ରହିଛି ଜିମ୍ କୋର୍ବେଟ୍ଙ୍କ ଜାତୀୟ ଉଦ୍ୟାନ। ବାରମ୍ବାର ସିଂହଙ୍କର ଗର୍ଜନ କରିବାର ଶବ୍ଦ ଶୁଣି ଗାଁ ଲୋକେ ତଥା ସ୍ଥାନୀୟ ବନବିଭାଗର ଅଧିକାରୀମାନେ ଥରେ ଏହାର ନିକଟକୁ ଯାଇ ଦେଖିବାରୁ ସତକୁ ସତ କେତେକ ସିଂହ ସେଠାରେ ପରିକ୍ରମା କରୁଥିବାର ଦେଖିଲେ। କିଛି ସମୟ ପରେ ସିଂହମାନେ ସେଠାରୁ ଚାଲିଯିବା କ୍ଷଣି ଗାଁ ଲୋକେ ସେଠାରେ ମା'ଙ୍କର ଏହି ପ୍ରତୀମା ଥିବାର ଦେଖିବାକୁ ପାଇଲେ। ସେମାନେ ମା'ଙ୍କର ପ୍ରତୀମାକୁ ଉଦ୍ଧାର କରି ମନ୍ଦିର ଗଢିବା ପାଇଁ ନିଷ୍ପତ୍ତି ନିଅନ୍ତେ, ମା' ସ୍ୱପ୍ନାଦେଶ ହେଲେ ଯେ, ତାଙ୍କ ମନ୍ଦିରକୁ ଏହି ପାହାଡ ଉପରେ ଗଢିବା ପାଇଁ। ମା'ଙ୍କ ଆଦେଶ ଅନୁସାରେ, ପାହାଡ ଉପରେ ମା'ଙ୍କର ମନ୍ଦିର ଗଢାହେଲା ଆଉ ମା'ଙ୍କୁ ସେଠାରେ ପୂଜା କରାଗଲା।

### ମା'ଙ୍କ ମହିମା

ପୌରାଣିକ କଥା ଅନୁସାରେ, ମାତା ଗର୍ଜିୟା ହେଉଛନ୍ତି ମାତା ପାର୍ବତୀଙ୍କର ଏକ ସ୍ୱରୂପ। ସେଥିପାଇଁ ଏହି ମନ୍ଦିରକୁ ମଧ୍ୟ ଏକ ଶକ୍ତିସ୍ଥଳ ବୋଲି କୁହାଯାଇଥାଏ। ମା'ଙ୍କ ମହିମା ବଡ଼ ଅପାର। ଯେଉଁ ଭକ୍ତ ଏଠାକୁ ଆସି ମା'ଙ୍କୁ ନିଷ୍ଠାର ସହ ପୂଜିଥାନ୍ତି, ମା' ତାଙ୍କର ମନୋସ୍କାମନା ନିଶ୍ଚୟ ପୂରଣ କରିଥାନ୍ତି। ଆଉ ଆଶା ପୂରଣ ହୋଇସାରିବା ପରେ ଭକ୍ତଙ୍କୁ ପୁଣିଥରେ ଏଠାକୁ ଆସି ମା'ଙ୍କ ଦର୍ଶନ କରିବାକୁ ହୋଇଥାଏ। ଯେଉଁ ଭକ୍ତମାନେ ଅବହେଳା ବଶତଃ ମନୋସ୍କାମନା ପୂରଣ ହୋଇଗଲା ପରେ ମା'ଙ୍କୁ ପୁଣିଥରେ ଦର୍ଶନ କରିବାକୁ ନ ଆସନ୍ତି, ସେମାନଙ୍କ ଉପରେ ମା' ରୋଷ କରିଥାନ୍ତି ବୋଲି ସ୍ଥାନୀୟ ଲୋକେ ମତ ଦେଇଥାନ୍ତି।



### ପ୍ରମୁଖ ପର୍ବପର୍ବାଣୀ

ଏଠାକୁ ପୂଜା କରିବାକୁ ଆସୁଥିବା ଭକ୍ତଙ୍କୁ ପ୍ରଥମେ କୋସି ନଦୀରେ ସ୍ନାନ କରିବାକୁ ହୋଇଥାଏ। ତା'ପରେ ପାହାଡ ଉପରେ ଥିବା ମନ୍ଦିରକୁ ଯିବା ପାଇଁ ପ୍ରାୟ ୯୦ଟି ପାହାଚ ଚଢ଼ିବାକୁ ପଡେ। ଏହି ମନ୍ଦିରରେ ଗର୍ଜିୟା ଦେବୀଙ୍କ ବ୍ୟତିତ ଭଗବାନ ଗଣେଶ, ଲକ୍ଷ୍ମୀ-ନାରାୟଣ, ମାତା ସରସ୍ୱତୀ ତଥା ଭୈରବ ଦେବଙ୍କୁ ମଧ୍ୟ ପୂଜା କରାଯାଇଥାଏ। କୁହାଯାଏ, ଏଠାରେ ଭକ୍ତ ଭୈରବ ଦେବଙ୍କୁ ପୂଜା ନ କଲା ପର୍ଯ୍ୟନ୍ତ ମା' କାହାରି ଡାକ ଶୁଣି ନଥାନ୍ତି। ଦଶହରା, କାଳୀପୂଜା ତଥା କାର୍ତ୍ତିକ ପୂର୍ଣ୍ଣିମା ହେଉଛି ମା' ଗର୍ଜିୟାଙ୍କର କେତୋଟି ପ୍ରମୁଖ ପର୍ବ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ବୁଲି ଯିବାର ସୁବିଧା ଥିଲେ ହେଁ ଦଶହରା, କାଳୀପୂଜା ତଥା କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଏଠାକୁ ଗଲେ ମା'ଙ୍କର ଅପୂର୍ବ ଦର୍ଶନ ମିଳିଥାଏ। ବର୍ଷାଦିନେ ନଦୀରେ ପାଣି ରହୁଥିବାରୁ ସେହି ସମୟରେ ଟିକେ କମ୍ ଭକ୍ତ ଏଠାକୁ ବୁଲିବାକୁ ଆସିଥାନ୍ତି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ନୈନିତାଲରୁ ପ୍ରାୟ ୭୦କି.ମି ଏବଂ ରାମନଗରରୁ ପ୍ରାୟ ୧୨ କି.ମି ଦୂରରେ ଥିବା ଏହି ସ୍ଥାନକୁ ସଡ଼କପଥ ଓ ରେଳପଥରେ ଯାଇହେବ। ରାମନଗର ହେଉଛି ଏହାର ନିକଟତମ ରେଳଷ୍ଟେଶନ।



# ଟୁଇଟର ମାଷ୍ଟର ପ୍ରଦ୍ୟୁମ୍ନ

**ସରକାରଙ୍କ ନାନାପ୍ରକାର ଯୋଜନା ସମ୍ପର୍କରେ ସାଧାରଣ ଲୋକ କିପରି ଅବଗତ ହେବା ସହ ଉପକୃତ ହେବେ,ତାକୁ ଟ୍ୱିଟ୍ କରି ସରକାରଙ୍କୁ ଅବଗତ କରୁଥିବା ପ୍ରଦ୍ୟୁମ୍ନ ଏବେ ଟ୍ୱିଟର ମାଷ୍ଟରଭାବେ ବେଶ୍ ପରିଚିତ।**



ଜନଶୁଣାଣି ଶିବିରରେ ସାଧାରଣ ଲୋକଙ୍କ ଅଭିଯୋଗକୁ ପ୍ରଶାସନିକ ଅଧିକାରୀମାନେ ଗ୍ରହଣକରି ତା'ର ବିଚାର ଓ ସମାଧାନ ଦିଗରେ ପଦକ୍ଷେପ ନେଇଥାନ୍ତି । କିନ୍ତୁ ସବୁ ଲୋକଙ୍କୁ ଏସମ୍ପର୍କରେ ଭଲଭାବରେ ଜଣା ନ ଥାଏ ନିଜ ଅଭିଯୋଗକୁ କେମିତି ଜଣାଇବେ। ଲୋକଙ୍କର ଏପରି ସମସ୍ୟାକୁ ସମାଧାନ କରିବା ପାଇଁ ଆଗେଇ ଆସିଛନ୍ତି ଜଣେ ଯୁବକ, ଯିଏକି ପେସାରେ ଜଣେ ଇଞ୍ଜିନିୟର। ସେ ଉଭୟ ଗାଁ ଓ ସହରାଞ୍ଚଳର ବିଭିନ୍ନ ସମସ୍ୟାକୁ ବିଭିନ୍ନ ଗଣମାଧ୍ୟମରୁ ସଂଗ୍ରହକରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ଦିନେ କି ଦୁଇଦିନ ନୁହେଁ ପ୍ରାୟ ୩ ବର୍ଷ ଧରି ସାଧାରଣ ଲୋକଙ୍କ ନାନା ଅଭାବ ଅସୁବିଧା ସମ୍ପର୍କରେ ଟୁଇଟର ଜରିଆରେ ସେ ସରକାରଙ୍କୁ ଅବଗତ କରାଇବା ସହ ତା'ର ସମାଧାନ ପାଇଁ ପ୍ରୟାସ ଜାରିରଖିଛନ୍ତି। ସେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ରାମଲେଙ୍କା ପଞ୍ଚାୟତ ଅଧୀନ ବ୍ରାହ୍ମଣଦେଓ ଗ୍ରାମର **ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ**। ବୟସ ପ୍ରାୟ ୨୫ବର୍ଷ। ସେ ପେଟ୍ରୋକେମିକାଲ ଇଞ୍ଜିନିୟରିଂ ପଢାସାରି ଏବେ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ଜୁନିୟର ଇଞ୍ଜିନିୟର ଭାବେ କାର୍ଯ୍ୟରତ। ବାପା ଗଙ୍ଗାଧର ବିଶ୍ୱାଳ ଜଣେ ବ୍ୟବସାୟୀ। ମା'ପ୍ରଭାସିନୀ ଗୃହିଣୀ । ଯୁବଇଞ୍ଜିନିୟର ପ୍ରଦ୍ୟୁମ୍ନ 'ଟୁଇଟର ମାଷ୍ଟର' ଭାବେ ଚିଲିକା ଅଞ୍ଚଳରେ ଖୁବ୍ ପରିଚିତ। ସେ କୁହନ୍ତି, 'କରୋନା ସମୟରେ ସ୍ଲଟ୍ ବୁକିଙ୍ଗ ଦେଖୁଦେଖୁ ଲୋକଙ୍କ ସମସ୍ୟାକୁ ଟ୍ୱିଟ୍ ମାଧ୍ୟମରେ ଅପଲୋଡ୍ କରିବା ଆରମ୍ଭ କରିଥିଲି। ହେଲେ ଗରିବ ଲୋକଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ୱିଟ୍ ଜରିଆରେ କିପରି ସାହାଯ୍ୟ କରିବି ଚିନ୍ତା କଲି। ଏଥିପାଇଁ ଏହି କାର୍ଯ୍ୟ ମୋର ନିଶା ପାଲଟିଗଲା। ତେବେ ସରକାରଙ୍କ ନାନାପ୍ରକାର ଯୋଜନା ସମ୍ପର୍କରେ ସମସ୍ତେ କିପରି ଅବଗତ ହୋଇପାରିବେ,ଏଥିନେଇ ଯତ୍ନବାନ ଥାଏ। ୨୦୧୯ରୁ ସାଧାରଣ ଲୋକଙ୍କ ଅଭାବ ଅସୁବିଧାକୁ ସରକାରଙ୍କ ପାଖରେ ଉପସ୍ଥାପନ କରିଆସୁଛି। ଏଥିପାଇଁ ପ୍ରତିଦିନ ସକାଳୁ ଉଠିଲେ କିଛି ନା କିଛି ସାମାଜିକ କାର୍ଯ୍ୟରେ ସାମିଲ ହୋଇଥାଏ। ବିଭିନ୍ନ ଖବରକାଗଜ,ଟିଭି ଓ ସାମାଜିକ ଗଣମାଧ୍ୟମ ଆଦିରୁ ନାନାଘଟଣା ସମ୍ପର୍କରେ ଜାଣିଥାଏ। ଏପରିକି ନିଜେ କେତେକ ତଥ୍ୟକୁ ସଂଗ୍ରହକରି ସରକାରଙ୍କ ବିଭିନ୍ନ ବିଭାଗକୁ ଟୁଇଟ୍‌କରି ଜଣାଇଥାଏ। ଯାହାର ସମାଧାନ ମଧ୍ୟ ହୋଇଛି। ପୁରୀ, ଗଞ୍ଜାମ, ନୟାଗଡ଼, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର ଆଦି ଜିଲାର କେତେକ ଘଟଣାକୁ ଟୁଇଟ ଜରିଆରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିବାରୁ ସାଧାରଣଲୋକଙ୍କୁ ସରକାରୀ ସହାୟତା ମିଳିପାରିଛି। ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୨ ହଜାର ସମସ୍ୟାକୁ ଟୁଇଟ୍ କରି ତାହାର ସମାଧାନ କରିବାରେ ସଫଳ ହୋଇଛି। ଏପରିକି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଗ୍ରାମରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ, ବାଲେଶ୍ୱର ରେଳଷ୍ଟେଶନ ରାସ୍ତାରେ ରହୁଥିବା ଅସହାୟମାନଙ୍କ ଥଇଥାନ ବ୍ୟବସ୍ଥା, ନୟାଗଡ଼ ଜିଲା ଦଶପଲ୍ଲାର ଅନାଥ ଶିଶୁଙ୍କୁ ସହାୟତା ପ୍ରଦାନ, ଗଞ୍ଜାମ ଜିଲା ରମ୍ଭା ଏନଏସିର ସାର୍ବଜନୀନ ଶୌଚାଳୟ କାର୍ଯ୍ୟକ୍ଷମ କରିବା, କୃଷ୍ଣପ୍ରସାଦ ବ୍ଲକର ଉଠାଣିକୁଦାଠାରୁ ମୋରଡା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ବ୍ରିଜ ମରାମତି ଓ ଗ୍ରାମୀଣ କ୍ରୀଡାଙ୍ଗନରୁ ବିଦ୍ୟୁତ୍





ଖୁଣ୍ଟ ହଟାଇବା, ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ସାନପଦର ଗ୍ରାମର ଜିତେନ୍ଦ୍ର କୁମାର ପଟ୍ଟନାୟକ ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ରହିଥିବା ବେଳେ ଅର୍ଥ ଅଭାବରୁ ଚିକିତ୍ସିତ ହୋଇପାରୁ ନ ଥିଲେ। ତାଙ୍କ ବିଷୟରେ ଟୁଇଟ୍ କରିବାପରେ ଖୋର୍ଦ୍ଧା ଜିଲାପାଳ ଘଟଣାର ତଦନ୍ତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକୃତରେ ଏସବୁ କାମ ମତେ ବେଶ୍ ମାନସିକ ଶାନ୍ତି ଦେଉଛି।'

**–କୈଳାସ ପଟ୍ଟନାୟକ, ଦୁର୍ଗାପ୍ରସାଦ**



**ଗଛ ଲଗାଇବା ହେଉ କି ପରିବେଶ ସଫାସୁତରା ରଖିବା, ଏହିସବୁ କାମ ହିଁ ତାଙ୍କୁ ଆନନ୍ଦ ଦେଇଥାଏ। ଏଇଥିରୁ ହିଁ ସେ ପାଇଥାନ୍ତି ଆତ୍ମତୃପ୍ତି...**

# ବୃକ୍ଷ ହିଁ ଜୀବନ

ଦିନକୁ ଦିନ ବହୁସଂଖ୍ୟାରେ ଗଛକଟା ହେବା ଯୋଗୁ ଜଙ୍ଗଲ ଧ୍ୱଂସ ହେଉଛି। ଏଥିଯୋଗୁ ପ୍ରକୃତି ତା'ର ଭାରସାମ୍ୟ ହରାଇ ବସିଲାଣି। ପରିବେଶ ସନ୍ତୁଳନରେ ବାଧା ବି ଉପୁଜିଲାଣି। ଏମିତି ପରିସ୍ଥିତିରେ କିଛି ଲୋକ ଜଙ୍ଗଲ ବଞ୍ଚାଇବା ପାଇଁ ବୃକ୍ଷରୋପଣ କରିବାର ସପକ୍ଷରେ ଅଛନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ ନକୁଳ ସୁନ୍ଦରା, ବୟସ ପ୍ରାୟ ୫୦ ଡେଇଁ ସାରିଲାଣି। ଘର ପୁରୀ ଜିଲାର କୃଷ୍ଣପ୍ରସାଦ ଅଞ୍ଚଳର ସିପିଆ ଗାଁରେ। ସେ କୁହନ୍ତି, ପତ୍ନୀ, ଗୋଟିଏ ପୁଅ ଓ ୨ଟି ଝିଅଙ୍କୁ ନେଇ ମୋ ପରିବାର। ଦୈନିକ ମୂଲମଜୁରି ଲାଗିଲେ ପରିବାର ପ୍ରତିପୋଷଣ ହୋଇଥାଏ। ଏଥିସହିତ ପ୍ରତିଦିନ ବୃକ୍ଷସୁରକ୍ଷାରେ ପ୍ରାୟ ୨ଘଣ୍ଟା ସମୟ ଦେଇଥାଏ। ଆଜକୁ ପ୍ରାୟ ୩ବର୍ଷ ତଳେ ଥରେ ଗାଁ ନିକଟ ଏକ ପଡ଼ିଆରେ କେତେଜଣ ଝିଅ ପୁଅ ଓ ମହିଳାମାନେ ଏକାଠି ହୋଇ ବିଭିନ୍ନ ଚାରା ଲଗାଉଥିଲେ । ସେଦିନ ସେଠାରେ ଚାରାରୋପଣ ଦୃଶ୍ୟ ଦେଖି ମୋର ମନ ବଦଳି ଯାଇଥିଲା। ଗାଁର ଝିଅ ବୋହୂମାନେ ଏକାଠି ହୋଇ ଖୁସିରେ ଚାରାରୋପଣ କରୁଥିଲେ। ତା' ପରେ ଅତି ଆଗ୍ରହରେ ସେମାନଙ୍କ ସହିତ ସାମିଲ ହୋଇଥିଲି। ସେବେଠାରୁ ବୃକ୍ଷରୋପଣ କାର୍ଯ୍ୟ କରିଆସୁଛି। ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ଅଳିଆ ଆବର୍ଜନା ସଫା କରିଥାଏ। ଟୁବୁକା ମଠ ପରିସର ଓ ସ୍କୁଲ ହତାରେ ବିଭିନ୍ନ ବୃକ୍ଷରୋପଣ କରାଯାଇଛି। କନ୍ଦାଖାଇ କଲେଜ ପରିସରରେ ମଧ୍ୟ କେତେକ ଗଛ ଲଗାଇଛୁ। ମୋ ଉଦ୍ୟମରେ ବିଶେଷକରି ଆମ୍ବ, ଅଁଳା, ଲେମ୍ବୁ ,ଗୁଆ, ବର, ଓସ୍ତଗଛ ଆଦି ବହୁସଂଖ୍ୟକ ବୃକ୍ଷରୋପଣ ହୋଇସାରିଲାଣି। ଚିଲିକା ଉପକୂଳ ଗାଁର ରାସ୍ତାକଡ଼ ଓ ଘେରିବନ୍ଧରେ ପ୍ରାୟ ୧୫ ହଜାର ତାଳ ଟାକୁଆ ପକାଇଥିଲି। ସେସବୁରୁ ଗଜା ହୋଇ ଗଛ ହୋଇସାରିଲାଣି। ଗଛ ଲଗାଇବା ହେଉ କି ପରିବେଶ ସଫାସୁତରା ଆଦି କାମରେ ମୋତେ ଆନନ୍ଦ ମିଳୁଛି। କାରଣ ବୃକ୍ଷ ହିଁ ଦେବତା, ସେ ଜୀବନ ଦେଇଥାଏ। ଏହି ସେବାରେ ମୋତେ ପୁଣ୍ୟମିଳୁଛି ବୋଲି ମୋର ଦୃଢବିଶ୍ୱାସ ରହିଛି।







## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଛତିଆ ଯିବେ ଶ୍ରୀଜଗନ୍ନାଥ

ଏବେ ବିଭିନ୍ନ ୟୁ ଟ୍ୟୁବ୍ ଚାନେଲ ତଥା ବୈଦ୍ୟୁତିକ ଚାନେଲଗୁଡ଼ିକରେ ମାଳିକା ପ୍ରବକ୍ତାଗଣ ସୃଷ୍ଟି ଧ୍ୱଂସ ହେବ ବୋଲି ପ୍ରଚାର କରିଚାଲୁଥିବାର ଦେଖାଯାଉଛି । ନିଜକୁ ପଣ୍ଡିତ ବୋଲାଉଥିବା କତିପୟ ମାଳିକା ବେପାରୀ ଆଉ ପାଦେ ଆଗକୁ ଯାଇ ଦୁଇ ହଜାର ପଚିଶରେ ଆଉ କିଛି ନ ଥିବ ବୋଲି ପ୍ରଚାର କରିବାରେ ଲାଗିଲେଣି । ଅତି ବିକଳିଆ ୟୁ ଟ୍ୟୁବରମାନେ ନିଜ ନିଜର ଗ୍ରାହକ ସଂଖ୍ୟା ବଢ଼ାଇବା ପାଇଁ ମାଳିକା ସହିତ ଆଉ କ'ଣ ଯେ ଫାନ୍ଦିଫୁନ୍ଦି କହି ଚାଲୁଛନ୍ତି ତା'ର ବି ଠିକ୍ ଠିକଣା ନାହିଁ । ଏବେ ଏବେ ମୋର ଜଣେ ବନ୍ଧୁ ଗୋଟିଏ ୟୁ ଟ୍ୟୁବ୍ ଚାନେଲରୁ ମାଳିକା ବିଷୟ ଶୁଣି ମୋତେ ଶୁଣାଉଥିଲେ । ସେଥିରେ ବିଭିନ୍ନ ମହାପୁରୁଷଙ୍କ ଲିଖିତ ଭବିଷ୍ୟବାଣୀ ବାବଦରେ ଆଲୋଚନା ହେଉଥିଲା ।

ସାତ ଦିନର ଭାବ ଯେତେ । ଶୁଣ କହିବା ଶୁଦ୍ଧ ଚିତ୍ତେ ।
ଛାଡ଼ିଣ କମାଣ ଗର୍ଜନ । ମରିବେ ଲକ୍ଷ ଲକ୍ଷ ଜାଣ ।
ମନ୍ଦିର କମାଣେ ଭାଙ୍ଗିବ । କଳପ ବଟକୁ ଛେଦିବ ।
କାଳକୁ ଅନଳେ ପୋଡ଼ିବ । ରାତ୍ରେ ପଲ୍ଲ ଡାକ ସର୍ବ ।
ସିନ୍ଧୁ ଯେ ଛାଡ଼ିବ ଗର୍ଜନ । ହରି ଆସିବେ ତତକ୍ଷଣ ।
ଶ୍ରୀକ୍ଷେତ୍ର ଲୀଳା ଅବସାନ । ଅନ୍ଧାର ହେବ ସାତ ଦିନ ।
ଗାଡ଼ିରେ ଦାରୁ ବ୍ରହ୍ମମୂର୍ତ୍ତି । ଆସିଣ ଚଢ଼ିବେ ତଡ଼ତି ।
ଗାଡ଼ି ଛାଡ଼ିବ ତତକ୍ଷଣ । ସମୁଦ୍ର ଥିବ ଗୋଡ଼ାଇଣ ।
(ନିଦାଘ ନିର୍ଘଣ୍ଟ, ମହାପୁରୁଷ ଯଶୋବନ୍ତ )

ଶ୍ରୀ କଳ୍ପବଟ ଘାତ ହେବ ଯେତେବେଳେ
ନୀଳାଚଳ ଛାଡ଼ିଯିବେ ମଦନ ଗୋପାଳେ ॥
ସାତ ଦିନ ଦେଉଳ ଯେ କବାଟ ପଡ଼ିବ
ଶଗଡ଼ ଗାଡ଼ି ରାସ୍ତାରେ ପଥ ନ ଦିଶିବ ॥
ସୁନିଆଁ ହୋଇବ ଘାଟ ହାଟ ବାଟ ପ୍ରତି
ସବୁ ପ୍ରାଣୀମାନଙ୍କର ନ ରହିବ ଜାତି ॥
(ଶିଶୁ ଅନନ୍ତ ଦାସଙ୍କ ଭକ୍ତି ମୁକ୍ତିଦାୟକ ଗୀତା )

ଦେଉଳକୁ ଗନ୍ତାଘର କରିବ ଦମନ
ଶ୍ରୀପୁରୁଷୋତ୍ତମ ଯାତ୍ରା କରିବ ଖଣ୍ଡନ ॥
ଶରଧାବାଲି ସେବେଳେ ସାଗର ହୋଇବ
ବାଇଶ ପାବଚ୍ଛେ ସେ ଯେ ମୀନ ଯେ ଖେଳିବ ॥
ମହାପ୍ରଳୟ ବୋଲିଣ ଜଗତ ଜାଣିବ
ନନ୍ଦିଘୋଷ ଯାତ୍ରା ବାବୁ ଆଉ ଯେ ନୋହିବ ॥
( ମହାପୁରୁଷ ଅଚ୍ୟୁତା ନନ୍ଦ )

ପଇଂଚାଳିଶ ଅଙ୍କରେ ମଧୁ ଯେ ମାସରେ
ନୀଳାଚଳ ଛାଡି ଆସି ଛତିଆ ବଟରେ ॥
ଷଡ଼ ବର୍ଷ ଯାତ୍ରା ଯେ ନୋହିବ ନନ୍ଦିଘୋଷ
ନବ ବର୍ଷେ ପୃଥ୍ୱୀଦେବି ହୋଇବେ ସନ୍ତୋଷ ॥ ( ମାଳିକା )

ବାସ, ଏତିକି ତଥ୍ୟ ଭିତରେ ୟୁ ଟ୍ୟୁବ୍‌ର ଉପସ୍ଥାପକ ବାରମ୍ବାର କହି ବସୁଥିଲେ ଯେ ୨୦୨୫ରେ ସବୁ ନଷ୍ଟଭ୍ରଷ୍ଟ ହୋଇଯିବ । ରଥଯାତ୍ରା ଛଅ ବର୍ଷ ପାଇଁ ବନ୍ଦ ହୋଇଯିବ । ମହାପ୍ରଭୁ ନୀଳାଚଳ ଛାଡି ଛତିଆ ଚାଲିଯିବେ । ସମୁଦ୍ର ମାଡି ଆସିବ । ବାଇଶ ପାହାଚରେ ମୀନ ଖେଳିବେ ଇତ୍ୟାଦି ଅନେକ ଭୟଙ୍କର କଥା । ଏହାକୁ ଶୁଣି ନୂଆ ଘର ଟିଏ ଆରମ୍ଭ କରିବାକୁ ଚାହୁଁଥିବା ଲୋକଟି ମନେ ମନେ ଭାବିବ –ଏବେ ନୁହେଁ, ୨୦୨୫ ପରେ



ଆରମ୍ଭ କରିବା । ପେଟ ପାଟି ମାରି ବହୁ କଷ୍ଟରେ ବ୍ୟାଙ୍କରେ ଟଙ୍କା ସାଇତି କରି ରଖିଥିବା ଲୋକଟି ୟୁ ଟ୍ୟୁବ୍ ଚାନେଲ ଦେଖିସାରିବା ପରେ ଭାବିବ, ଆଉ କାହିଁକି ଟଙ୍କା ରଖିବି । ଯାଉଛି, ସେଗୁଡିକୁ ଖର୍ଚ୍ଚ କରିଦେଇ ଜୀବନକୁ ଉପଭୋଗ କରିବି ।

ଆଗରୁ କ'ଣ ରଥଯାତ୍ରା ବନ୍ଦ ହୋଇନି ଯେ ୬ ବର୍ଷ କ୍ରମାଗତ ରଥଯାତ୍ରା ବନ୍ଦ ହେଲେ ଏବେ ସୃଷ୍ଟି ଧ୍ୱଂସ ହୋଇଯିବ ? ଆକ୍ରମଣକାରୀଙ୍କ ଆକ୍ରମଣରୁ ମହାପ୍ରଭୁ ପରା ବର୍ଷ ବର୍ଷ ଧରି ସ୍ଥାନଚ୍ୟୁତ ହୋଇ ଗୋପନ ବାସରେ ରହିଥିଲେ । ସେତେବେଳେ ବହୁ ବର୍ଷ ଧରି ରଥଯାତ୍ରା ବନ୍ଦ ଥିଲା । ସବୁଠୁ ବଡ଼ କଥା ହେଉଛି ମହାପ୍ରଭୁ ଶ୍ରୀକ୍ଷେତ୍ର ଛାଡି ଛତିଆ ଯିବା ପ୍ରସଙ୍ଗକୁ ବହୁ ଆଡ଼ମ୍ବରରେ ପ୍ରଚାର କରାଯାଉଛି । ଏଥିରେ ବିସ୍ମିତ ବା ଘମାଘୋଟ ପ୍ରଚାରର କ'ଣ ଆବଶ୍ୟକତା ଅଛି ? ଭକ୍ତ ଅଧୀନ ଭଗବାନ ସେ । ପୂର୍ବରୁ ଅନେକ ଥର ପ୍ରଭୁ ଅନେକ ସ୍ଥାନକୁ ଯାଇଛନ୍ତି । ପୁଣି ଫେରିଛନ୍ତି । ସେମିତି ଛତିଆ ବଟକୁ ଯିବେ, ପୁନଶ୍ଚ ନିଜ ଧାମକୁ ଫେରିବେ । ଯଦି କେହି ଭାବୁଥାନ୍ତି ଯେ ପ୍ରଭୁ ନୀଳାଚଳ ଛାଡି ସବୁଦିନ ପାଇଁ ଛତିଆକୁ ପଳେଇବେ ।

ଆଉ ଫେରିବେ ନାହିଁ – ଏହା ଭୁଲ୍ କଥା । କାରଣ ମହାପ୍ରଭୁ ନିଜ ଆଡୁ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ କଥା ଦେଇଛନ୍ତି ଯେ –

ମଞ୍ଜୁଳେ ନୀଳଶୈଳେସ୍ମିନ କ୍ଷେତ୍ରେ ଶ୍ରୀପୁରୁଷୋତ୍ତମେ
ପ୍ରାସାଦପ୍ରତିମା ଭଙ୍ଗେ ସଦା ତିଷ୍ଠାମି ସୁବ୍ରତ ॥ ( ନୀଳାଦ୍ରି ମହୋଦୟ )

ଏ କଥାରେ କାଳେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ପରତେ ନ ଯିବେ ସେଥିପାଇଁ ପ୍ରଭୁ ପରବର୍ତ୍ତୀ ଶ୍ଳୋକରେ ତ୍ରିବାର ସତ୍ୟ କରି କହିଛନ୍ତି –

ସତ୍ୟମ ସତ୍ୟମ ପୁନଃ ସତ୍ୟମ ବଦାମି ନୃପସତ୍ତମ
ତିଷ୍ଠାମ୍ୟତ୍ର ସଦୈାହମ ପ୍ରାସାଦପ୍ରତିମା କ୍ଷୟେ ॥

ପ୍ରଭୁଙ୍କ ନିଜ ବାଣୀ ଉପରେ ନିଶ୍ଚିତ ଭାବେ ସମସ୍ତଙ୍କ ବିଶ୍ୱାସ ଅଛି । ତେଣୁ ଛତିଆକୁ ଗଲେ ବି ସେ ପୁଣି ଲେଉଟି ଆସିବେ ।

ବାକି ରହିଲା ପ୍ରଳୟର କଥା । ଏହା ନିଶ୍ଚିତ ଭାବେ ହେବ । କାରଣ ଲୋକମାନେ ଏବେ ଭାରି ଉଦ୍ଧତ ଆଉ ବିଧର୍ମୀ ହୋଇଗଲେଣି । କିନ୍ତୁ ଏଇ ପ୍ରକ୍ରିୟାଟି କେଉଁ ମସିହା, କେଉଁ ବାର କେଉଁ ତାରିଖରେ ହେବ ସେ ବାବଦରେ କୌଣସି ବି ମାଳିକା ମହାପୁରୁଷ ପ୍ରତ୍ୟକ୍ଷ ଭାବେ କେଉଁ ଲେଖାରେ ସୂଚିତ କରିନାହାନ୍ତି । ଯେଉଁଠି ବି ସୂଚନା ଅଛି ତାହା ଅଛି ଠାର ବା ସାଂକେତିକ ଭାଷାରେ । ସେ ଠାରକୁ ବୁଝିବା ପାଇଁ ହେଲେ ଜଣକୁ ସେଇ ମହାପୁରୁଷଙ୍କ ସ୍ଥିତି ବା ସ୍ତରରେ ହିଁ ପହଞ୍ଚିବାକୁ ପଡ଼ିବ । ଆଜି ଯେଉଁ ମାଳିକା ପ୍ରବକ୍ତାମାନେ ଟିଭି ପରଦା ଆଗରେ ଆଙ୍ଗୁଠି ଦେଖାଇ ନିର୍ଦ୍ଦିଷ୍ଟ ଭାବେ ଏଇ ମାସ ଏଇ ତାରିଖରେ ସୃଷ୍ଟି ଧ୍ୱଂସ ହୋଇଯିବ ବୋଲି ରଡି ଛାଡୁଛନ୍ତି, ମହାପୁରୁଷମାନଙ୍କର ଇଙ୍ଗିତକୁ ବୁଝିବା ପାଇଁ ସେମାନଙ୍କର ସାଧନା କେତେ, ସେମାନଙ୍କର ଆଚରଣ ଆଉ ଉଚ୍ଚାରଣ କେତେ ସତ, ତାହା ସେମାନେ ନିଜେ ହିଁ ଜାଣନ୍ତି ।

ମାଳିକା ବଚନ କେବେ ମିଛ ହୋଇ ନ ପାରେ । ହେଲେ ସେଥିରେ ଥିବା ସତ୍ୟତାକୁ ବୁଝିବା ଦରକାର । ସୃଷ୍ଟିର ଆରମ୍ଭ ଅଛି ମାନେ ଶେଷ ବି ଅଛି । କିନ୍ତୁ ଆମେମାନେ ଧର୍ମ ପଥର ପଥିକ ହେବା ଦରକାର । ସମାଜରେ ବର୍ତ୍ତମାନ ଯେମିତି ଅଧର୍ମ, ଅନୀତି ଆଉ ଅନ୍ୟାୟ ବଢ଼ିବାରେ ଲାଗିଛି ଠିକ୍ ଏଇ ମୁହୂର୍ତ୍ତରେ ମାଳିକା ବର୍ଣ୍ଣିତ ଧ୍ୱଂସର ଚିତ୍ରକୁ ତୁହାକୁ ତୁହା ପ୍ରଚାର କରାଇବାରେ ବି ସମାଜର ମଙ୍ଗଳ ସାଧିତ ହେଉଥିବାର ଲକ୍ଷ୍ୟ କରାଯାଉଛି । କିଛି ନ ହେଲେ ବି ବିଧର୍ମୀଟିଏ ପାପ କାର୍ଯ୍ୟ କରିବା ପାଇଁ ଆଗେଇବା ବେଳେ ସେ ଥରୁଟିଏ ମାଳିକା କଥା ନିଶ୍ଚେ ମନେପକାଉଥିବ ।


–ଦିବ୍ୟାଲୋକ ସନ୍ଧାନେ, ରାମନଗର,
ତେଲେଙ୍ଗାପେଣ୍ଠ, କଟକ
ମୋ:୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ଫୁଲବାଣୀର ଚିଠି

**ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରକାଶକ: ବିପ୍ର ଚରଣ ପାତ୍ର**
**ଦି ଡିଭାଇନ, ଚିଦାନନ୍ଦ ଦିବ୍ୟଧାମ, ଛତ୍ରପୁର**
**ମୂଲ୍ୟ–୧୦୦ଟଙ୍କା**

ଫୁଲବାଣୀର ଚିଠି ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଫୁଲବାଣୀ ଉପରେ ଲେଖିଥିବା ପୁସ୍ତକ । ପ୍ରଥମେ ୧୪ଟି ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିବା ବେଳେ ଦ୍ୱିତୀୟରେ କନ୍ଧ ସଂସ୍କୃତିରେ ୨୯ଟି ବିଷୟ ଉପରେ ଆଲୋକପାତ କରାଯାଇଛି । ଲେଖକ ଢେଙ୍କାନାଳରେ ଥିଲା ବେଳେ ତାଙ୍କ ପାଖକୁ 'ଫୁଲ' ନାମକ ଏକ ପତ୍ରିକା ଡାକରେ ଆସି ପହଞ୍ଚୁଥିଲା। ଯାହା ଦୀର୍ଘ ୧୮ବର୍ଷ





ତଳେ ଛାଡି ଆସିଥିବା ଫୁଲବାଣୀର ସ୍ମୃତି ଉଜ୍ଜୀବିତ କରି ଦେଉଥିଲା। ମାତ୍ର ସେତେବେଳେ ଏ ଲେଖକ କ'ଣ ଭାବିଥିଲେ ଯେ, 'ଫୁଲ'ର ଏଇ ଆକର୍ଷଣ ତାଙ୍କୁ ପୁଣି ଟାଣି ନେଇଯିବ ସେଇ ଫୁଲବାଣୀକୁ ?ପୁସ୍ତକଟି ପଢିଲେ ଫୁଲବାଣୀର ଗଛଲତା, ନଦୀ ନାଳ, ପାହାଡ ଜଙ୍ଗଲ, ଦୂର ଆକାଶର ଜହ୍ନ ଓ ମେଘମାନଙ୍କ ଲୁଚକାଳୀ ଖେଳ ସହ ଜୀବନର ମହକ ମିଳେ । ପୁସ୍ତକର ଯେଉଁ ବିଷୟ ବି ପଢିବେ ତାହା ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ ।

### ମାଟିର ମହକ

**ମନୋରମା ଆଚାର୍ଯ୍ୟ, ପଡୁଆଁ, ବାସୁଦେବପୁର, ଭଦ୍ରକ**
**ମୂଲ୍ୟ–୨୫୦ଟଙ୍କା**

ମାଟିର ମହକ କବୟିତ୍ରୀ ମନୋରମା ଆଚାର୍ଯ୍ୟଙ୍କ ପୁସ୍ତକ । ଏଥିରେ ୫୫ଟି କବିତା ସ୍ଥାନ ପାଇଛି। ମା' ସରସ୍ୱତୀଙ୍କ ପାଖରୁ ପ୍ରଥମ କବିତା ଆରମ୍ଭ ହୋଇଛି। ପୁସ୍ତକରେ କବିତାଗୁଡିକ ବୀର ସୈନିକଙ୍କ ଲାଗି ଲେଖାଯାଇଥିବା ବେଳେ ମୋ ଦେଶ ଭାରତ, ନେତାଜୀ ତୁମେ ଓ ଭାଇଚାରା ଆଦି ଅନେକ ଛୋଟବଡ କବିତା ଏଥିରେ ସ୍ଥାନ ପାଇଛି । ଏଥିରେ ଦାର୍ଶନିକତାର




ପରିଦୃଷ୍ଟ ମଧ ହୁଏ, ଯଥା ଲୁହ, ସମୟ, ତୁମେ, ଚିଠି ଓ ଜୀବନ ଇତ୍ୟାଦି। ସେହିପରି ଚିଲିକା ଯାତ୍ରା ଏକ ଦୀର୍ଘ କବିତା। ଯାହା କବିବର ରାଧାନାଥଙ୍କ ଚିଲିକା କାବ୍ୟ ଦ୍ୱାରା ଅନୁପ୍ରେରିତ। ଯାହାର ବର୍ଣ୍ଣନାଶୈଳୀ ବେଶ୍ ଚମତ୍କାର। କବୟିତ୍ରୀଙ୍କ ସଂସ୍କାର ପ୍ରବଣ ମାନସିକତା ଲେଖାକୁ ଆହୁରି ତରଙ୍ଗାୟିତ କରିଛି। ଯାହା ବେଶ ସୁଖପାଠ୍ୟ ମନେ ହୁଏ। ଏ କବିତା ପୁସ୍ତକ ଯଥେଷ୍ଟ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।

### ଗଜପତି ଜିଲ୍ଲାର ସଉରା ଜନଜାତି

**ଡକ୍ଟର ସୁରେନ୍ଦ୍ର ନାଥ ସାହୁ, ଏଥେନା ବୁକ୍ସ, ଭୁବନେଶ୍ୱର**
**ମୂଲ୍ୟ–୩୫୦ଟଙ୍କା**

ଗଜପତି ଜିଲାର ଏକ ପ୍ରମୁଖ ଜନଜାତି ହେଉଛି ସଉରା ସମ୍ପ୍ରଦାୟ। ଓଡ଼ିଶାର ପ୍ରଚୀନତମ ଜନଜାତିଙ୍କ ମଧ୍ୟରେ ଏହି ସମ୍ପ୍ରଦାୟ ଅନ୍ୟତମ। ଆଲୋଚ୍ୟ ପୁସ୍ତକକୁ ୬ଟି ପରିଚ୍ଛେଦରେ ବିଭକ୍ତ କରାଯାଇଛି। ପ୍ରଥମ ପରିଚ୍ଛେଦରେ ଗଜପତି ଜିଲାର ଏହି ପ୍ରଚୀନ ଆଦିବାସୀ ସମ୍ପ୍ରଦାୟ, ସେମାନଙ୍କ ଅବସ୍ଥିତି, ଲୋକସଂଖ୍ୟା ଇତ୍ୟାଦି ବର୍ଣ୍ଣନା କରାଯାଇଛି। ଦ୍ୱିତୀୟରେ ସଉରାଙ୍କର ସାମାଜିକ ଜୀବନ ବିଷୟରେ କୁହାଯାଇଛି। ତୃତୀୟରେ ସାମାଜିକ ବିଧିବିଧାନ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଚତୁର୍ଥରେ ଲୋକ ବିଶ୍ୱାସ, ମୃତ୍ୟୁ ସମ୍ପର୍କିତ ଲୋକାଚାର ଓ ପୂଜା ପାର୍ବଣ ଇତ୍ୟାଦି ଆଲୋଚନା ରହିଛି। ପଞ୍ଚମ ପରିଚ୍ଛେଦରେ ସଉରା ଲିପି ବିଷୟରେ ଆଲୋଚନା କରାଯାଇଛି। ଷଷ୍ଠ ବା ଶେଷ ପରିଚ୍ଛେଦରେ ସଉରା ସମ୍ପ୍ରଦାୟ ପ୍ରତି ଜନସାଧାରଣଙ୍କ ଦୃଷ୍ଟିକୋଣ ଓ ସରକାରଙ୍କ ମନୋଭାବ ବିଷୟରେ ବର୍ଣ୍ଣନା କରାଯାଇଛି। ପୁସ୍ତକଟି ଏହି ସମ୍ପ୍ରଦାୟ ସମ୍ପର୍କରେ ସମ୍ୟକ ସୂଚନା ଦେବ।




# ରକ୍ତିମ ହ୍ରଦ ଭିତରେ ଯାଉଛି ଟ୍ରେନ୍

ଆମେ ବେଳେବେଳେ ଏମିତି କିଛି ଦେଖିଥାଉ ଯାହାକୁ ବିଶ୍ୱାସ କରିବା ସମ୍ଭବ ହୁଏନା । ଲାଗେ ତାହା ସତ ନୁହେଁ ମିଛ । ସାଇବେରିଆରେ ଥିବା ଏକ ଜାଗାର ଦୃଶ୍ୟକୁ ବି ଅନେକେ ଫେକ୍ ବୋଲି ଭାବନ୍ତି । ଏଠାରେ ବର୍ଲିନସ୍କୋଇ ନାମକ ଏକ ହ୍ରଦ ଅଛି, ଯାହାକି ପିଙ୍କ ଲେକ୍ ଭାବେ ବେଶ୍ ପରିଚିତ । ଏହା



କାଜାକିସ୍ତାନ ସୀମାରେ ରହିଛି। ଆଉ ଖରାଦିନରେ ଉକ୍ତ ହ୍ରଦଟି ଆଶ୍ଚର୍ଯ୍ୟଜନକଭାବେ ରଙ୍ଗ ପରିବର୍ତ୍ତନ କରି ଲାଲ ରଙ୍ଗରେ ପରିବର୍ତ୍ତିତ ହୋଇଯାଏ। ବୈଜ୍ଞାନିକଙ୍କ ମତରେ ଏହି ଋତୁରେ ହ୍ରଦଟିରେ ଆର୍ଟେମିଆ ସାଲିନା ନାମକ ଜୀବଙ୍କ ସଂଖ୍ୟା ବଢିଯାଏ, ଯାହାଙ୍କ ଆକାର ବହୁତ ଛୋଟ।ଏହି ଜୀବଙ୍କର ହିମୋଗ୍ଲୋବିନ୍ ପିଗମେଣ୍ଟେସନ୍ ଘଟି ହ୍ରଦର ରଙ୍ଗ ଲାଲ ହୋଇଥାଏ । ଆଉ ଏକ କଥା ଉକ୍ତ ହ୍ରଦ ମଝିରେ ଏକ ରେଳ ଧାରଣା ବି ଯାଇଛି। ଯାହା ମଧ୍ୟ ଦେଇ ରେଳ ଯିବା ଆସିବା କରିଥାଏ । ରକ୍ତିମ ଲାଲ ହ୍ରଦକୁ ଚିରି ଯେବେ ରେଳ ଦ୍ରୁତ ଗତିରେ ଯାଏ ତାହା ଏକ ସ୍ୱପ୍ନର ଦୃଶ୍ୟ ପରି ଲାଗେ । ନିକଟରେ ଏହି ଦୃଶ୍ୟର ଏକ ଭିଡିଓ ବେଶ୍ ଭାଇରାଲ ହୋଇଛି। ଅନେକେ ତ ଏହାକୁ ଫେକ୍ ବି ଭାବୁଛନ୍ତି। କିନ୍ତୁ ଏହା ବାସ୍ତବ। ଉକ୍ତ ହ୍ରଦ ମଧ୍ୟସ୍ଥ ରେଳଧାରଣାର ଭିତ୍ତିଭୂମି ସୋଭିଏତ କାଳରୁ ସ୍ଥାପିତ ହୋଇଛି।

ବ୍ୟାକ୍ ପେଜ୍






# ଜହର ଉଦ୍ୟାନ

ବଗିଚାରେ ବୁଲିବାକୁ କିଏ ବା ଭଲ ନ ପାଏ । କିନ୍ତୁ ଏମିତି ବି ଏକ ବଗିଚା ଅଛି ଯେଉଁଠାକୁ ଯିବା ପୂର୍ବରୁ ଶହେ ଥର ଭାବିବାକୁ ପଡିବ । ଆଉ ଅନେକ ସାବଧାନତା ଅବଲମ୍ବନ କରିବାକୁ ବି ହେବ । କାରଣ ଏ ବଗିଚାଟି ସାଧାରଣ ନୁହେଁ। ଏଠାରେ ସେ ସୁନ୍ଦର ମନଲୋଭା ଗଛ ଓ ଫୁଲ ନାହିଁ। ବରଂ ଅଛି ବିଷାକ୍ତ ଗଛଲତା । ଯାହାର ଆଘ୍ରାଣ ମାତ୍ରେ ବି ଜୀବନ ଚାଲି ଯିବାର ଭୟ ରହିଛି । ଏହି ବଗିଚାର ନାମ ହେଉଛି 'ଦ ପଏଜନ୍ ଗାର୍ଡେନ' । ଇଂଲଣ୍ଡ, ନର୍ଥବରଲ୍ୟାଣ୍ଡ କାଉଣ୍ଟିସ୍ଥ ଅଲନ୍‌ୱିକରେ ଅଛି ପୃଥିବୀର ସବୁଠାରୁ ବଡ଼ ଏଇ ବିଷାକ୍ତ ବଗିଚାଟି। ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ବିଷାକ୍ତ ବୃକ୍ଷଲତା ଅଛି। ଏଠାକୁ ଏକୁଟିଆ ନ ଯିବା ଲାଗି ପରାମର୍ଶ ଦିଆଯାଏ । ଆଉ ଏହା ମଧ୍ୟକୁ ଯିବାକୁ ହେଲେ ଅନେକ କଥା ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ । ଯେମିତିକି ସ୍ୱତନ୍ତ୍ର ପୋଷାକ ଓ ମାସ୍କ ପିନ୍ଧିବାକୁ ହୁଏ । ତାସହ ସାବଧାନ ରହିବା ବି ନିହାତି ଜରୁରୀ ।








# ୧୦ ହଜାର ଫୁଟ୍ ଉଚ୍ଚତାରେ ହେଲେ ମେକ୍‌ଅପ୍

ମହିଳାଙ୍କୁ ମେକ୍‌ଅପ୍ ହେବା କେତେ ପସନ୍ଦ ତାହା ସମସ୍ତେ ଜାଣନ୍ତି । ଯେଉଁଠି ଓ ଯେଉଁ ପରିସ୍ଥିତିରେ ଥିଲେ ବି ସେମାନେ ମେକ୍‌ଅପ୍ ହେବାକୁ ଭୁଲନ୍ତି ନାହିଁ। ପାଖରେ ତ ସବୁବେଳେ ଥାଏ ମେକ୍‌ଅପ୍ କିଟ୍। ବସ୍‌ଷ୍ଟପ, ରେଳଷ୍ଟେସନ୍ ହେଉ କି ଏୟାରପୋର୍ଟ ଅବା ଅଫିସ୍, ପାର୍ଟି ଫଙ୍କସନ୍ ସବୁଠି ମହିଳା ସମୟ ସୁଯୋଗ ଦେଖି ମେକ୍‌ଅପ୍ ହୋଇଥାନ୍ତି। ଏମିତିକି ଏବେ ଜଣେ ମହିଳା ଆକାଶ ମାର୍ଗରେ ପାରାସୁଟ୍‌ରେ ଝୁଲନ୍ତା ଅବସ୍ଥାରେ ଥାଇ ବି ମେକ୍‌ଅପ୍ ହେଉଛନ୍ତି। ବିଶ୍ୱାସ ନହେଲେ ବି କଥାଟି ସତ । ମ୍ୟାକ୍‌କେନା ନାଇପ୍ ନାମକ ଏହି ମହିଳା ଜଣକ ଜଣେ ଭିଡିଓ କ୍ରିଏଟର୍। ତାଙ୍କୁ ସ୍କାଇ ଡାଇଭିଂ କରିବା ବହୁତ ପସନ୍ଦ। ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସ୍କାଇ ଡାଇଭିଂ କରିବାର ଅନେକ ଭିଡିଓ ପୋଷ୍ଟ କରନ୍ତି। ନିକଟରେ ସେ ଏକ ଭିଡିଓ ପୋଷ୍ଟ କରିଥିଲେ ଯେଉଁଥିରେ ସେ ଭୂମିଠାରୁ ୧୦ ହଜାର ଫୁଟ୍ ଉଚ୍ଚତାରେ ସ୍କାଇ ଡାଇଭିଂ କରିବା ଅବସ୍ଥାରେ ହିଁ ମେକ୍‌ଅପ୍ ହୋଇଥିଲେ । ନିଜ ଅଣ୍ଟାରେ ବାନ୍ଧିଥିବା ଏକ ବ୍ୟାଗ୍‌ରୁ ଗୋଟିଏ ପରେ ଗୋଟିଏ ବିଉଟି ପ୍ରଡକ୍ଟ ବାହାର କରି ସେଗୁଡିକୁ ମୁହଁରେ ଲଗାଇଥିଲେ। ରୁମାଲ ବାହାର କରି ମୁହଁ ବି ପୋଛୁଥିଲେ । ଏହି ସମୟରେ ତାଙ୍କ ଚେହେରାରେ ଭୟର ଟିକେ ବି ଚିହ୍ନ ନ ଥିଲା । ବରଂ ଲାଗୁଥିଲା ସେ ବେଶ୍ ମଜା ଉଠାଉଥିଲେ ।